


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୮୬ ● ୩ ଅଗଷ୍ଟ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-186 ● 3rd August 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି

# ଓଡ଼ିଶାର ପ୍ରାୟ ୩୫ ଲକ୍ଷ କୃଷକଙ୍କୁ ମିଳିଲା ୬୯୭ କୋଟି ଟଙ୍କା ସହାୟତା

ଭୁବନେଶ୍ୱର, ୨।୮

ନ୍ୟୁଜ୍ ବ୍ୟୁରୋ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ ପି.ଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି।

ସୂଚନା ଯୋଗ୍ୟଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତ୍ତର ପ୍ରଦେଶର ବାରାଣାସୀ ଠାରେ ଉପସ୍ଥିତ ରହି, ପି.ଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

ଏହି ଅବସରରେ ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଆଇସିଏଆର-ସିଫା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ




ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରା ଯାଇଛି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଚାଷୀ ଭାଇ ଭଉଣୀଙ୍କ ସରକାର । ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି ଏହା ଆମ ପାଇଁ ଖୁସିର କଥା।

ପି.ଏମ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଅପ୍ରେଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। (ପୃଷ୍ଠା ୭ରେ)

# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

ନୂଆଦିଲ୍ଲୀ, ୨।୮

ଶେଷରେ ଆଖିବୁଜିଲେ ପୁରୀ ଜିଲ୍ଲାର ବଳଙ୍ଗା ପୀଡ଼ିତା। ୧୫ ଦିନ ଧରି ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ପ୍ରାଣ ହରାଇଛନ୍ତି। ଶନିବାର ସନ୍ଧ୍ୟା ୬ଟା ୨୨ ମିନିଟରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି।

ଗତ ଜୁଲାଇ ୧୯ ତାରିଖରେ ବଳଙ୍ଗା ଥାନା ଅଞ୍ଚଳର ଏହି ନାବାଳିକାଙ୍କୁ ଘରଠାରୁ କିଛି ଦୂରରେ ନଦୀ ବନ୍ଧରେ ତାଙ୍କ ଶରୀରରେ କିରୋସିନ ଢାଳି ନିଆଁ ଲଗାଇ ଦିଆଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ରହିବାରୁ ୨୦ ତାରିଖ ଦିନ ତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଶରୀରର ୭୦ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କ ଅବସ୍ଥା ଗୁରୁତର ରହିଥିଲା।

ଚିକିତ୍ସା ଜାରି ରହିବା ସହିତ ତାଙ୍କ ଶରୀରରେ ସ୍କିନ ଗ୍ରାଫ୍ଟିଂ କରାଯାଇଥିଲା। ୩ ଥର ଅପରେସନ କରାଯାଇ ସ୍କିନ ଗ୍ରାଫ୍ଟିଂ କରାଯାଇଥିଲା। ସମସ୍ତ ପ୍ରୟାସ ସତ୍ତ୍ୱେ ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରି ନ ଥିଲେ।

ବାଲେଶ୍ୱର ଜିଲ୍ଲା ଏଫଏମ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାକୁ ନେଇ



ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହା ପରେ ବଳଙ୍ଗା ପୀଡ଼ିତାଙ୍କ ସହିତ ଏଭଳି ବର୍ବରତା ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଘଟଣାର ୧୫ ଦିନ ବିତିଯାଇଥିଲେ ବି ପୁଲିସ କିମ୍ବା କ୍ରାଇମବ୍ରାଞ୍ଚ ଘଟଣାର କୌଣସି ଅଭିଯୁକ୍ତଙ୍କୁ ଧରିପାରି ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨।୮ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲାର ବଳଙ୍ଗା ପୀଡିତାଙ୍କର ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୀଡିତାଙ୍କ ମୃତ୍ୟୁ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ମୁଁ ଝିଅଟିର ଅମର ଆତ୍ମାର ସଦଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

## 'ଏନ୍ଆଇଏ'ର ଏସ୍‌ପି ହେଲେ ସାଗରିକା ନାଥ



ଭୁବନେଶ୍ୱର, ୨।୮

ନ୍ୟୁଜ୍ ବ୍ୟୁରୋ

ସାଗରିକା ନାଥ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି। ୨୦୧୬ ବ୍ୟାଚର ଓଡ଼ିଶା କ୍ୟାଡର ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଫିସର ସାଗରିକା ନାଥଙ୍କ 'ଏନ୍ଆଇଏ'ରେ ଏସ୍‌ପି ନିଯୁକ୍ତି ନେଇ ଗୃହ ମନ୍ତ୍ରଣାଳୟର ସଚିବ ସଞ୍ଜୀବ କୁମାର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହା ସ୍ପଷ୍ଟ କରିଛନ୍ତି।

## ପିଏମ୍ କିଷାନ ସମ୍ମାନ ନିଧିର ୨୦ତମ କିସ୍ତି ଜାରି

# ୯.୭୦ କୋଟି ଚାଷୀଙ୍କ ଖାତାକୁ ୨୦,୫୦୦ କୋଟି ହସ୍ତାନ୍ତର

ବାରଣାସୀ, ୨।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ତାଙ୍କର ସଂସଦୀୟ କ୍ଷେତ୍ର ବାରଣାସୀରୁ ଦେଶର କୋଟି କୋଟି ଚାଷୀଙ୍କୁ ବଡ଼ ଉପହାର ଦେଇଛନ୍ତି । ସେବାପୁରୀ ବ୍ଲକ୍‌ର ବନୌଲି ଗାଁରେ ଆୟୋଜିତ ଏକ ବିଶାଳ ଜନସଭାରେ ପ୍ରଧାନମନ୍ତ୍ରୀ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା'ର ୨୦ତମ କିସ୍ତି ଅନ୍ତର୍ଗତ ୯.୭୦ କୋଟି ଚାଷୀଙ୍କ ଖାତାକୁ ୨୦,୫୦୦ କୋଟି ଟଙ୍କା ଅନଲାଇନ୍ ହସ୍ତାନ୍ତର କରିଛନ୍ତି।

ଏହି ଯୋଜନା ମାଧ୍ୟମରେ ଉତ୍ତର ପ୍ରଦେଶର ୨.୩୦ କୋଟି କୃଷକ ୪୬୦୦ କୋଟି ଟଙ୍କା ଲାଭ ଉଠାଇଛନ୍ତି। ଏହା ସହିତ,




ପ୍ରଧାନମନ୍ତ୍ରୀଙ୍କ ସଂସଦୀୟ କ୍ଷେତ୍ର ବାରଣାସୀର ୨.୨୧ ଲକ୍ଷ କୃଷକଙ୍କ ଖାତାକୁ ୪୮ କୋଟି ଟଙ୍କା ହସ୍ତାନ୍ତରିତ ହୋଇଛି। ବାରଣାସୀର ଅନ୍ନଦାତାଙ୍କୁ ପୂର୍ବ ୧୯ କିସ୍ତି ମାଧ୍ୟମରେ ୮୫୦ କୋଟି ଟଙ୍କାରୁ ଅଧିକ ଧନରାଶି ଟ୍ରାନ୍ସଫର କରାଯାଇଛି ।

ଏହାପୂର୍ବରୁ ଜନସଭା ସ୍ଥଳୀରେ ତିଆରି ହେଲିପ୍ୟାଡ଼ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାୟୁସେନାର ହେଲିକପ୍ଟରରୁ ଅବତରଣ କରିବା ସମୟରେ (ପୃଷ୍ଠା ୭ରେ)

# ମହାନଦୀ ଜଳ ବିବାଦ: ଆପୋଷ ସମାଧାନ ମାର୍ଗରେ ଓଡ଼ିଶା-ଛତିଶଗଡ଼

ଭୁବନେଶ୍ୱର, ୨।୮

ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରରେ ଓ ଛତିଶଗଡ଼ରେ ନିଜ ଦଳର ସରକାର ଥିବାରୁ ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ରାଜ୍ୟର ମୋହନ ମାଝୀ ସରକାର ଗୁରୁତ୍ୱ ଦେଉଛନ୍ତି ।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ବାଟ ଫିଟିଛି । ପ୍ରଥମଥର ପାଇଁ ଏହି ଜଳବିବାଦର ଆପୋଷ ସମାଧାନ ନିମନ୍ତେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସହମତି ଜଣାଇଛନ୍ତି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ୍ୟ ଦୁଇ ରାଜ୍ୟର ଓକିଲ ହାଜର ହୋଇ ବିବାଦର 'ଆପୋଷ ସମାଧାନ'କୁ ନେଇ ସକରାତ୍ମକ ମତ ରଖିବାପରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ



ବି.ଏମ. ତ୍ରିବେଦୀଙ୍କ ଖଣ୍ଡପୀଠ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଓ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬ତାରିଖକୁ ନିର୍ଦ୍ଧାରଣ କରିଛନ୍ତି । ଏହି ଶୁଣାଣିବେଳେ ଦୁଇ ରାଜ୍ୟର ସଚିବ ଉପସ୍ଥିତ ରହି ଆପୋଷ ସମାଧାନର ଅଗ୍ରଗତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଗତ ସପ୍ତାହରେ ଏକ ଉଚ୍ଚସ୍ତରୀୟ ବୈଠକରେ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱ ଦେବା ସହ ଜୁଲାଇ ୨୫ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖି ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସହାୟତାରେ ଦୁଇ ରାଜ୍ୟ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାର ସମ୍ଭାବନା ଉପରେ ଗୁରୁତ୍ୱ ଦେଇଥିଲେ । ଯାହାର ଉତ୍ତର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଗତକାଲି (୧ ତାରିଖ) ଦେଇଛନ୍ତି । ଯେଉଁଥିରେ ସେ ଦୁଇରାଜ୍ୟ ମଧ୍ୟରେ ଥିବା ଜଳବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ଦେଇଥିବା ପ୍ରସ୍ତାବ ଏବେ ତାଙ୍କ ସରକାରର 'ବିଚାରାଧୀନ' ଥିବା ସ୍ପଷ୍ଟ କରିଛନ୍ତି । ଶନିବାର ଟ୍ରିବ୍ୟୁନାଲଙ୍କ ପାଖରେ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମଧ୍ୟ (ପୃଷ୍ଠା ୭ରେ)

## ଭୁବନେଶ୍ୱର ବିମାନ ବନ୍ଦରରୁ ୮ କୋଟିର ଗଞ୍ଜେଇ ଜବତ

ଭୁବନେଶ୍ୱର, ୨।୮

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିମାନ ବନ୍ଦରରୁ ଶନିବାର ୮ କୋଟି ଟଙ୍କାର ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟ୍‌ରେ ଆସୁଥିବା ବେଳେ ଡିଆରଇ ଧରିଥିବା ସୂଚନା ମିଳିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଘଟଣାକୁ ନେଇ ଅହମ୍ମଦାବାଦର ଜଣେ ଗିରଫ ହୋଇଛନ୍ତି।

# ସ୍କୁଲ ପିଲା ଅଣ୍ଡା ନ ଖାଇଲେ ଦିଆଯିବ ଫଳ

ଭୁବନେଶ୍ୱର, ୨।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସରକାରୀ ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ଅଣ୍ଡା ଯୋଗାଇ ଦିଆଯାଉଥିବା ବେଳେ ଯେଉଁମାନେ ଅଣ୍ଡା ଖାଉ ନାହାନ୍ତି ସେମାନଙ୍କୁ ଏଣିକି ଫଳ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ପିଏମ ପୋଷଣ ରାଜ୍ୟ ନୋଡାଲ ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ବା ଡିଇଓମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନିଷ୍ପତ୍ତି ଅନୁସାରେ, ଯେଉଁଦିନ ଛାତ୍ରଛାତ୍ରୀମାନେ ଅଣ୍ଡା ଖାଇବେ ନାହିଁ ସେଦିନ




ସେମାନଙ୍କୁ ଫଳ ଦିଆଯିବ। ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯିବ।

# ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା: ବୋର୍ଡ ଉପସଭାପତିଙ୍କୁ ପଚରାଉଚରା

କଟକ, ୨।୮ : ନ୍ୟୁଜ୍ ବ୍ୟୁରୋ

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଜାରି ରହିଛି। ଶନିବାର କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ପଚରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଫିସକୁ ଡକାଇ ବୋର୍ଡ ଉପସଭାପତିଙ୍କୁ ପଚରାଉଚରା କରାଯାଇଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ମଧ୍ୟ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି।

ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ବାତିଲ କରାଯାଇଥିଲା। ବୋର୍ଡ ଅଫ୍ ସେକେଣ୍ଡାରୀ




ଏଜୁକେସନ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଥିବା ଜିତନ ମହାରଣା ମୁଖ୍ୟ ଅଭିଯୁକ୍ତ ବୋଲି ଚିହ୍ନଟ ହୋଇଛନ୍ତି। ସେ ବୋର୍ଡ ଉପାଧ୍ୟକ୍ଷଙ୍କ ଲାପଟପରୁ ପ୍ରଶ୍ନପତ୍ର ଚୋରି କରି ପେନ ଡ୍ରାଇଭରେ ସ୍ଥାନାନ୍ତର କରିଥିଲେ। ଏହାପରେ ରାୟଗଡ଼ା ଜିଲ୍ଲାର ଶିକ୍ଷକ ବିଜୟ ମିଶ୍ର ଓ କୋରାପୁଟର ସନାତନ ବିଷୋୟୀଙ୍କ ସହ ଅନ୍ୟ ତିନି ଦଲାଲଙ୍କ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି କରାଯାଇଥିଲା।

କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ଜିତନଙ୍କ ଆକାଉଣ୍ଟରେ ୨.୫ ଲକ୍ଷ ଟଙ୍କା ଜମା ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ମୋବାଇଲ ଓ ଇଲେକ୍ଟ୍ରୋନିକ ଡିଭାଇସ ଜବତ କରାଯାଇ ଫରେନସିକ ପରୀକ୍ଷା ପାଇଁ ପଠାଯାଇଛି। ଲାପଟପ ପାସୱାର୍ଡ କେମିତି ମିଳିଲା ଏବଂ ପ୍ରଶ୍ନପତ୍ର କାହା କାହା ପାଖକୁ ଗଲା, ତା'ର ଲିଙ୍କ ଖୋଜା ଜାରି ରହିଛି।

## ଦୁଷ୍କର୍ମ ମାମଲାରେ ପ୍ରଜ୍ୱଳଙ୍କୁ ଆଜୀବନ କାରା ଦଣ୍ଡାଦେଶ

ନୂଆଦିଲ୍ଲୀ, ୨।୮

୪୭ ବର୍ଷୀୟା ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ କର୍ଣ୍ଣାଟକ ହସନର ପୂର୍ବତନ ସାଂସଦ ପ୍ରଜ୍ୱଳ ରେବାନ୍ନାଙ୍କୁ ବେଙ୍ଗାଲୁରୁର ସ୍ୱତନ୍ତ୍ର କୋର୍ଟ ଶନିବାର ଆଜୀବନ କାରା ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ପ୍ରଜ୍ୱଳ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡ଼ାଙ୍କ ନାତି। ଗତ ଶୁକ୍ରବାର ଏହି ମାମଲାରେ କୋର୍ଟ ପ୍ରଜ୍ୱଳଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ସଂରକ୍ଷିତ ରଖିଥିଲେ। ଦୁଷ୍କର୍ମ, ଯୌନ ନିର୍ଯାତନା ଏବଂ ପ୍ରମାଣ ନଷ୍ଟ କରିବା ଆଦିରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପ୍ରଜ୍ୱଳଙ୍କ ବିରୋଧରେ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଅଣ୍ଡା ନଖାଇଲେ ଫଳ ଖାଇବେ
ପିଲାଏ ଦେବେ ଯେ ପଢି
ପେଟ ପୂରା ଖାଇ ଦେଶ ଭବିଷ୍ୟତ
ଦେବେ ପୂରା ପୂରି ଗଢି
ଯୋଜନା ସତେ କି ଛପର ଫାଡି
ଶିକ୍ଷକ ନଥିବା ଜାଗା ପୂରା କଲେ
ଚାଲିବ ଶିକ୍ଷାର ଗାଡି।

# ଲିଭ୍-ଇନରେ ରହିଲେ ବି ମହିଳାଙ୍କୁ ମିଳିବ ସମ୍ପତ୍ତିରୁ ଅଧିକାର



ନୂଆଦିଲ୍ଲୀ, ୨।୮

ଭାରତରେ ଲିଭ୍-ଇନ ସମ୍ପର୍କର ଧାରା ବୃଦ୍ଧି ପାଉଛି। ସମାଜ ଏହାକୁ ଗ୍ରହଣ କରିନଥାଇପାରେ, କିନ୍ତୁ ଆଇନ ଏହାକୁ ଅପରାଧ ବୋଲି ବିବେଚନା କରିନାହିଁ। ଭାରତରେ ଲିଭ୍-ଇନ ସମ୍ପର୍କକୁ ଆଇନଗତ ଭାବରେ ସ୍ୱୀକୃତି ଦିଆଯାଇଛି, ଯଦି କିଛି ସର୍ତ୍ତ ପୂରଣ କରାଯାଏ। ଏହି ବ୍ୟବସ୍ଥା ଦୁଇଜଣ ପ୍ରାପ୍ତବୟସ୍କଙ୍କ ପାଇଁ ପାରସ୍ପରିକ ସମ୍ମତିରେ ବିବାହ ବିନା ଏକାଠି ରହିବା ପାଇଁ। ଭାରତୀୟ ଆଇନ, ବିଶେଷକରି ସୁପ୍ରିମକୋର୍ଟଙ୍କ ଅନେକ ନିଷ୍ପତ୍ତି ଏହାକୁ ସାମାଜିକ ଏବଂ ଆଇନଗତ ଭାବରେ ବୈଧ ବୋଲି ବିବେଚନା କରିଛି। କିନ୍ତୁ ଅନେକ ଥର ଏପରି ହୁଏ ଯେ ଲିଭ-ଇନରେ ରହୁଥିବା ଦମ୍ପତିଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ଝଗଡ଼ା କିମ୍ବା ମତଭେଦ ଦେଖାଯାଏ। ଯାହା ପରେ ମହିଳାମାନଙ୍କ ପ୍ରତି ଉତ୍ପୀଡନ କିମ୍ବା ହିଂସାର ରୂପ ନେଇଥାଏ। ଏପରି ପରିସ୍ଥିତିରେ ମହିଳାମାନଙ୍କର ଲିଭ-ଇନରେ ରହିବାର କ'ଣ ଅଧିକାର ଅଛି, ମହିଳାମାନଙ୍କର ସେମାନଙ୍କ ସାଥୀଙ୍କ ସମ୍ପତ୍ତି ଉପରେ ଅଧିକାର ଅଛି କି? ସେ ସମ୍ପର୍କରେ କିଛି ଅଧ୍ୟୟନ ଏବଂ ରିପୋର୍ଟ ଅନୁଯାୟୀ, ଭାରତରେ ଲିଭ-ଇନରେ ରହୁଥିବା ଦମ୍ପତିଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଛି। ବିଶେଷକରି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ପୁଣେ ଭଳି (ପୃଷ୍ଠା ୭ରେ)

# ଆହୁରି ୫ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ବଜ୍ରପାତ ଭୟ ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ,



ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାକୁ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ରହିଛି। ଏହିସବୁ ଜିଲାର କିଛି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିପାରେ ବୋଲି ସୂଚନା ଦିଆଯାଇଛି।





# ନିମ୍ନମାନର ରାସ୍ତାକାମକୁ ନେଇ ତଦନ୍ତ ପାଇଁ ଦାବିକଲେ ପଞ୍ଚାୟତବାସୀ

**ଧାମରା, ନ୍ୟୁଜ୍‌ବ୍ୟୁରୋ**



ଭଦ୍ରକ ଜିଲ୍ଲା ଚରଦିଆ ପଞ୍ଚାୟତରେ ବନ୍ଦର ଏବଂ ବାଣିଜ୍ୟ ବିଭାଗ ତରଫରୁ ହେଉଥିବା ରାସ୍ତା କାମ ନିମ୍ନମାନର ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପରେ ଉକ୍ତ କାର୍ଯ୍ୟର ତଦନ୍ତ କରାଯିବ ବୋଲି ଭଦ୍ରକ ଜିଲ୍ଲାପାଳ କହିଛନ୍ତି।

ସୂଚନା ଅନୁସାରେ, ଚରଦିଆ ପଞ୍ଚାୟତ ନିମତଳା ଜେଟିଠାରୁ ରାଜରାଜେଶ୍ୱର ପଲ୍ଲୀ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ କରାଯାଉଥିବା ବେଳେ ଏହାର ଆକଳନ ମୂଲ୍ୟ ୨କୋଟି ଟଙ୍କା ରହିଛି। ଏକ ଢଳେଇ ରାସ୍ତା ନିମତଳା ଜେଟୀ ପାଖରୁ ଆରମ୍ଭ ହୋଇ ରାଜରାଜେଶ୍ୱର ପଲ୍ଲୀ ପର୍ଯ୍ୟନ୍ତ ନିର୍ମାଣାଧୀନ ଥିବା ବେଳେ ଏହି ରାସ୍ତାକୁ ସର୍ପୋଟ ଦେବା ପାଇଁ ୨ ପାର୍ଶ୍ୱରେ ପାଚେରୀ ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ଏହି ରାସ୍ତା ଏବଂ ପାଚେରୀ ନିର୍ମାଣ ଶେଷ ପୂର୍ବରୁ ପାଚେରୀଟି ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଥିଲା। ଏହି କାର୍ଯ୍ୟ ନିମ୍ନମାନର ବୋଲି ଚରଦିଆ ପଞ୍ଚାୟତବାସୀ ଅଭିଯୋଗ ଆଣିଥିଲେ ମଧ୍ୟ ବନ୍ଦର ଏବଂ ବାଣିଜ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଏହି କଥାକୁ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଢଳି ଯାଇଥିବା ପାଚେରୀକୁ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଟଣକ ଦେଇ ପୁନଶ୍ଚ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଚରଦିଆ ପଞ୍ଚାୟତବାସୀଙ୍କ କଥାକୁ ବିଭାଗୀୟ ଅଧିକାରୀ ଯଥା କନିଷ୍ଠଯନ୍ତ୍ରୀ, ସହକାରୀଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଚରଦିଆ ସରପଞ୍ଚ ନିରୁପମା ମାଝୀ ଏବଂ ପଞ୍ଚାୟତବାସୀ ଭଦ୍ରକ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଚାନ୍ଦବାଲି ବ୍ଲକରେ ଚାଲିଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରରେ ଉପସ୍ଥିତ ରହି ରାସ୍ତାର ପୁନଃ ନିର୍ମାଣ ଦାବି କରିଥିଲେ। ମାତ୍ର ଏହି ଯୁଗ୍ମ ଜନଶୁଣାଣିରେ ବନ୍ଦର ଏବଂ ବାଣିଜ୍ୟ ବିଭାଗର କେହି ପଦାଧିକାରୀ ଉପସ୍ଥିତ ନ ଥିବାରୁ ଭଦ୍ରକ ଜିଲ୍ଲାପାଳ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ସହ କଥା ହୋଇ ଚାଲିଥିବା କାର୍ଯ୍ୟର କ୍ଷେତ୍ରୀୟ ତଦନ୍ତ କରିବାକୁ କହିଥିଲେ। ନିମ୍ନମାନର କାର୍ଯ୍ୟର ସମାଧାନ ନ ହେଲେ ଆଗାମୀ ଦିନରେ ଚରଦିଆ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ନିରୁପମା ମାଝୀ ଚେତାବନୀ ଦେଇଛନ୍ତି।

# ଖରିଫ ଧାନ ସଂଗ୍ରହ ପଞ୍ଜିକରଣକୁ ନେଇ ଚାଷୀ ଉତ୍ତେଜନା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଖରୀଫ ଧାନ ପଞ୍ଜୀକରଣକୁ ନେଇ ଚାଷୀମାନଙ୍କ ପକ୍ଷରୁ ପ୍ରବଳ ଜନ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ନୂତନ ପଞ୍ଜିକରଣ ବ୍ୟବସ୍ଥା ଓ ନିୟମକୁ ଚାଷୀମାନେ ବିପୁଳ ବିରୋଧ କରି ସେବା ସମବାୟ ସମିତି ସମ୍ମୁଖରେ ଓ ସମ୍ପାଦକଙ୍କ ନିକଟରେ ହୋହାଲ୍ଲା କରିଛନ୍ତି। ଫଳରେ ସମ୍ପାଦକ ସଂଘ ପଞ୍ଜିକରଣ ନିୟମରେ ପରିବର୍ତ୍ତନ ନକଲେ ପଞ୍ଜୀକରଣ କାର୍ଯ୍ୟ ସେମାନଙ୍କ ଦ୍ୱାରା ସମ୍ଭବ ହେବ ନାହିଁ ବୋଲି ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ନୂତନ ପଞ୍ଜୀକରଣ ନୀତିର ଘୋର ପ୍ରତିବାଦ କରିଛନ୍ତି ବିଭିନ୍ନ ରାଜନୈତିକ ଦଳ। ତୁରନ୍ତ ଏହି ନୂତନ ନିୟମକୁ ପରିବର୍ତ୍ତନ କରି ପୂର୍ବ ନିୟମ ଅନୁସାରେ ଚାଷୀ ପଞ୍ଜୀକରଣ କରିବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବା ଜଣାପଡ଼ିଛି।

# ୩ ବର୍ଷ ହେବ ପ୍ରକଳ୍ପ ଅଚଳ : ଅପରିଷ୍କାର ପାଣି ପିଇ ରୋଗରେ ପଡ଼ିଲେଣି ଗ୍ରାମବାସୀ

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**



ପାନୀୟଜଳ ଯୋଗାଣ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ଶୁଦ୍ଧ ପାନୀୟଜଳ ନପାଇ ଲୁହାଗୁଣ୍ଡ ମିଶ୍ରିତ ନଳକୂପ ଜଳ, ଖୋଲା କୂପ ଜଳ, ଚୂଆ ଓ ପୋଖରୀ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରି ରୋଗରେ ପୀଡିତ ହେଉଛନ୍ତି ଅନେକ ଲୋକ। ଏଭଳି ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଝାରପଡ଼ା ଗ୍ରାମରେ। ୨ ହଜାର ଜନସଂଖ୍ୟାକୁ ନେଇ ଝାରପଡ଼ା ଗାଁ। ପ୍ରାୟ ତିନି ବର୍ଷ ହେବ ଏଠାରେ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସମ୍ପ୍ରସାରଣ ଓ ଉନ୍ନତିକରଣ ସମୟରେ ପାଣି ପାଇପ ଫାଟିବା ସହ ପାଇପ୍ ପିଚୁ ରାସ୍ତା ମଝିରେ ରହିଯାଇଛି। ଫଳରେ ଲୋକମାନେ ଦୁଷିତ ଜଳକୁ ପାନୀୟଜଳ ରୂପେ ବ୍ୟବହାର କରି ଶତକଡା କୋଡିଏ ଭାଗ ଲୋକ ବାତ ରୋଗରେ ପୀଡିତ ହେଉଛନ୍ତି। ସମିତି ସଭ୍ୟ ପ୍ରମୋଦ କୁମାର ରାଉତରାୟ ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଦାବି କରିଛନ୍ତି। ପାନୀୟଜଳ ଯୋଗାଣ ରଣପୁର ଯନ୍ତ୍ରୀ–୧ କୁହନ୍ତି କି ପ୍ରକଳ୍ପ ସଜାଡିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆବଶ୍ୟକ ଅର୍ଥ ଆମ ବିଭାଗରେ ଡିପୋଜିଟ କରିବା କଥା। ଆମ୍ଭେ ବାରମ୍ବାର ଲେଖିଲେ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଶୁଣୁନାହିଁ। ଅବଶ୍ୟ ମେଗା ଯୋଜନା ପାଇପ ଲାଇନ ବ୍ୟବସ୍ଥା କାର୍ଯ୍ୟ ସରିଲେ ସେହି ପାଇପରେ ଆଗ ଝାରପଡ଼ାକୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଗୋଳାବାରୁଦ କାରଖାନାକୁ ବିରୋଧ କରି ଆନ୍ଦୋଳନ ପାଇଁ ଚେତାବନୀ



**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ମହାରାଷ୍ଟ୍ରର ଏକ ଘରୋଇ ବିସ୍ଫୋରକ ଉତ୍ପାଦନ କମ୍ପାନୀ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ ଘାଟିପଲ୍ଲୀ ଓ ଲଣ୍ଡେଇହିଲଠାରେ ଗୋଳାବାରୁଦ କାରଖାନା ନିର୍ମାଣ ଯୋଜନା କରୁଛି। ତେଣୁ ଏହାକୁ ସଂପୃକ୍ତ ଅଞ୍ଚଳବାସୀ ଦୃଢ଼ ବିରୋଧ କରୁଛନ୍ତି। ଏହିଭଳି ପରିସ୍ଥିତିରେ ସିପିଆଇ (ଏମ) ପୂର୍ବତନ ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ପରିଦର୍ଶନ କରି ଉକ୍ତ ପ୍ରକଳ୍ପ ନିର୍ମାଣ ଯୋଜନାକୁ ବିରୋଧ କରିଥିଲେ। ଏଥିସହ ଏନେଇ ସଂପୃକ୍ତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। କାରଖାନା ଯେଭଳି ସେଠାରେ ନହେବ ସେଥିପାଇଁ ରାଜ୍ୟସାରା ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପଟ୍ଟନାୟକ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ଗୋଳାବାରୁଦ କାରଖାନା ହେଲେ ତାହାର କୁପ୍ରଭାବ ୧୦ କି.ମି.ପର୍ଯ୍ୟନ୍ତ ପଡ଼ିବ। ବେଲଗୁଣ୍ଠା ଏବଂ ଜଗନ୍ନାଥପ୍ରସାଦ ସହରରେ ମଧ୍ୟ ତାହାର କୁପ୍ରଭାବ ପଡ଼ିବ। କାରଖାନା ନିର୍ମାଣ ହେଲେ ମାତ୍ର ୧୫୦ ଜଣ ମଧ୍ୟରେ ନିଯୁକ୍ତି ପାଇବେ। କିନ୍ତୁ ଏହାର କୁପ୍ରଭାବ ଦେଢ଼ ଲକ୍ଷ ଲୋକଙ୍କ ଉପରେ ପଡ଼ିବ। ବାୟୁ, ଜଳ, ଜଙ୍ଗଲ ଉପରେ ପ୍ରଭାବ ପଡ଼ିବ। ତେଣୁ ସରକାର ଏନେଇ କିଛି ପଦକ୍ଷେପ ନେବାକୁ ଦାବି ହୋଇଛି। ସିପିଆଇଏମ ଗଞ୍ଜାମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କ୍ଷେତ ମଜଦୂର ସମ୍ପାଦକ ବିଦ୍ୟାଧର ଜେନା, ଓଡ଼ିଶା କୃଷକ ସଭା ଜିଲ୍ଲା ସମ୍ପାଦକ ହରି କୃଷ୍ଣ ରେଡି, ବିଭୁ ପ୍ରସାଦ ପାଣିଗ୍ରାହୀ, ନୀଳମଣି ଗୁରୁ, ଯୁବ ନେତା ଦିଲ୍ଲୀପ ପଗଡ଼, ଦୀନ ବନ୍ଧୁ ଜେନା, ବରିଷ୍ଠ ଆଇନଜୀବୀ ତଥା ସିପିଆଇ (ଏମ) ନେତା ଅଭିମନ୍ୟୁ ଗୌଡ଼ ପ୍ରମୁଖ ଟିମ୍‌ରେ ସାମିଲ ଥିଲେ। କମ୍ପାନୀ ପାଇଁ ୩୦ରେ ହେବାକୁ ଥିବା ଜନ ଶୁଣାଣି ଶିବିରକୁ ସ୍ଥଗିତ କରିବା ସହ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ବନ୍ଦ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା।

# ଗଞ୍ଜେଇ ବେପାରର ହବ୍ ପାଲଟିଛି ରାଜଧାନୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କୋଡ୍ ୱାର୍ଡରେ କାରବାର, ଆଖି ପିଛୁଳାକେ ଡିଲ୍। ରାସ୍ତାକଡ଼ ହେଉ କି ପାନ ଦୋକାନ, ରାଜଧାନୀରେ ବେଧଡ଼କ୍ ଚାଲିଛି ବେଆଇନ୍ ଗଞ୍ଜେଇ କାରବାର। କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଭୁବନେଶ୍ୱରର ବିଭିନ୍ନ ଟା ଖଟିରେ ମାରାଥନ୍ ରେଡ୍ କରି ଜବତ କରିଛି ପୁଳାପୁଳା ଗଞ୍ଜେଇ ସିଗାରେଟ୍ ଓ ନିଶା ମୋଦକ। ଗିରଫ ହୋଇଛନ୍ତି ଏକାଧିକ ଦୋକାନୀ। ତେବେ ତମାଣ୍ଡୋ ଅଞ୍ଚଳରେ ରେଡ୍ ବେଳେ ଦୌଡ଼ି ପଳାଉଥିବା ଜଣେ ଯୁବତୀଙ୍କୁ ମାଡ଼ିବସି ଚଳାଇଛି ତନାଘନା। ତେଣେ ସିପି ଚେତାବନୀ ଦେଲେଣି– ରାଜଧାନୀକୁ ନିଶାମୁକ୍ତ କରିବାକୁ ଆଗକୁ ହେବ ବଡ଼ ଧରଣର ରେଡ୍। ବାହାରକୁ ସିନା ଖାଲି ପାନ ଦୋକାନ। ହେଲେ ଭିତରେ ନୀଳ ଜହର ଗୋଦାମ। କି ରାତି କି ଦିନ, ହର୍ଦ୍ଦମ ଏଠି ଜମୁଛି ଖଟି, କପେ ଚା ସାଙ୍ଗକୁ ମିଳିଯାଉଛି ସ୍ପେଶାଲ ଗଞ୍ଜେଇ ସିଗାରେଟ୍ ଭେଟି।

# ଘାଟିରେ ସରିଗଲା ପେଟ୍ରୋଲ : ଅଟୋ ଭଡ଼ା କରି ଟାଙ୍କିକୁ ଆସିଲେ ଆଦିବାସୀ ଚାଷୀ

**ଦାରିଙ୍ଗବାଡ଼ି, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ସରକାର ପ୍ଲାଷ୍ଟିକ୍ ବୋତଲ, ଜାର୍‌ରେ ପେଟ୍ରୋଲ ଦେବାକୁ ସମସ୍ତ ପେଟ୍ରୋଲ ଟାଙ୍କିକୁ ବାରଣ କରିଛନ୍ତି। ତେବେ ଏହାକୁ ନେଇ ଦୁର୍ଗମ ଅଞ୍ଚଳର ଚାଷୀ ମୂଲିଆଙ୍କ ସମେତ ସରକାରୀ ଓ ବେସରକାରୀ କର୍ମଚାରୀମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଏବେ ଏକାଧିକ ସମସ୍ୟା ଦେଖିବାକୁ ମିଳୁଥିବା ବେଳେ କିଏ ବାଇକ୍ ଟାଙ୍କି ଖୋଲି ଟାଙ୍କିରେ ପହଞ୍ଚିଲାଣି ତ ଆଉ କିଏ ଅଟୋ, ମିନିଟ୍ରକ୍ ଭଡ଼ା କରି ବାଇକ୍ ସମେତ ପାୱାର ଟିଲର ଆଣି ଟାଙ୍କିରେ ତେଲ ଭର୍ତ୍ତି କରିନେଉଛନ୍ତି। ଏଭଳି ଜଣେ ଆଦିବାସୀ ଚାଷୀ କୌଣସି କାର୍ଯ୍ୟରେ ଦାରିଙ୍ଗବାଡ଼ି ଆସୁଥିଲେ। ତାଙ୍କ ଗ୍ରାମ ପ୍ରାୟ ୨୦ କିମି ଦୂରତାରେ ରହିଥିବା ବେଳେ ତାଙ୍କ ବାଇକ୍‌ରୁ ତେଲ ଏକ ଘାଟିରେ ସରିଯାଇଥିଲା। ସେଠାରୁ ସେ ଦାରିଙ୍ଗବାଡ଼ି ବାଇକ୍ ଠେଲି ଠେଲି ଆସିବା ସମ୍ଭବ ନ ଥିବାରୁ ସେ ଏକ ଅଟୋ ୨ ଶହ ଟଙ୍କାରେ ଭଡ଼ା କରି ଆଣିଲେ। ଟାଙ୍କିରେ ତାଙ୍କ ନିକଟରେ ରହିଥିବା ଆଉ ୨ ଶହ ଟଙ୍କାର ପେଟ୍ରୋଲ ଭରିଥିବା ଦୁର୍ଭାଗ୍ୟଜନକ ଘଟଣା ଦେଖିବାକୁ ମିଳିଛି। ଏଭଳି ପେଟ୍ରୋଲ ତାଙ୍କୁ ଲିଟର ୨ ଶହରୁ ଅଧିକ ଟଙ୍କା ଦେବାକୁ ପଡ଼ିଲା ବୋଲି ଟେକାଙ୍ଗିଆ ଗ୍ରାମର ବାଇକ୍ ମାଲିକ ସୁମନ୍ତ ପ୍ରଧାନ ଉଦ୍‌ବେଗର ସହ କହିଛନ୍ତି।

# ୧୫ ଦିନରେ ଧୋଇଗଲା ୧୦ ଲକ୍ଷ ଟଙ୍କାର ପୋଲ



**ଥୁଆମୂଳ ରାମପୁର, ନ୍ୟୁଜ୍‌ବ୍ୟୁରୋ**

ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ କାମ ଯୋଗୁ ତାହା ଅତି କମ୍ ଦିନ ମଧ୍ୟରେ ନଷ୍ଟ ହୋଇଯାଉଛି। ଟଙ୍କା ଆସୁଛି, କାମ ବି ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଦୁର୍ବଳିଆ କାମ ଯୋଗୁ ତାହା କମ୍ ଦିନରେ ନଷ୍ଟ ହୋଇଯାଉଛି। ଏମିତି ଏକ ଘଟଣା ଘଟିଛି ଥୁଆମୂଳ ରାମପୁର ବ୍ଲକ୍‌ରେ। ୧୦ ଲକ୍ଷ ଟଙ୍କାର ପୋଲ ନିମ୍ନମାନର କାମ ଯୋଗୁ ୧୫ ଦିନ ମଧ୍ୟରେ ଭାଙ୍ଗିଯାଇଛି। ଏହି ବ୍ଲକ ଅନ୍ତର୍ଗତ ବିରିକୋଟ ପଞ୍ଚାୟତର ବଳଙ୍ଗି ଓ ତେନ୍ତୁଳି ପଦର ଗାଁ ମଝିରେ ଏକ ନାଳା ଅଛି। ଏହି ନାଳା ଯୋଗୁ ଦୁଇଟି ଗାଁ ବିଚ୍ଛିନ୍ନ ହେଉଥିଲା। ଲୋକ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଏଠାରେ ଏକ ପୋଲ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କରାଗଲା। ହେଲେ ଲୋକେ ପୋଲ ଉପରେ ଚାଲିବା ପୂର୍ବରୁ ପୋଲ ସବୁ ଧୋଇହୋଇଗଲା। ନିମ୍ନ ମାନର କାମ ଯୋଗୁ ତାହା ଭାଙ୍ଗି ଯାଇଛି। ଏନେଇ ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ସେ କହିଥିଲେ, ଯଦି ଏମିତି ହୋଇଛି ତା’ହେଲେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୁର୍ଗମ ଅଞ୍ଚଳ ବୋଲି ସରଳ ଅଧିବାସୀମାନଙ୍କୁ ଭକୁଆ ବନାଇ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି କରୁଥିବା ନେଇ ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଏବେବି ମନରେ ଅଛି ଅନ୍ଧବିଶ୍ୱାସ : ଚୋରି ପରେ ଗାଁରେ ବୁଲିଲା ଖଟିଆ



**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଆଜି ବି ଲୋକଙ୍କ ଭିତରେ ବଞ୍ଚି ରହିଛି ଅନ୍ଧବିଶ୍ୱାସ। ଚୋର ଧରିବାକୁ ଏଠି ପୋଲିସ୍ ନୁହେଁ ଗାଁରେ ବୁଲିଲା ଖଟିଆ। ପୁରୀ ସଦର ଚନ୍ଦନପୁର ଥାନା ଶିରୁଳି ଗ୍ରାମରେ ବୁଲିଛି ଖଟିଆ। ତେବେ ଚୋର ସନ୍ଦେହରେ ଗାଁର ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ ମାନେ ଗାଁ କୋଠଘରେ ଅଟକ ରଖିଥିବା ସୂଚନା ମିଳିଛି। ଅଟକ ଥିବା ବ୍ୟକ୍ତି ଜଣକ ପୋଲିସର ସହାୟତା ଲୋଡ଼ିଥିବା ଜଣାପଡ଼ିଛି। କିନ୍ତୁ ଏହି ଘଟଣାକୁ ନେଇ ଶିରୁଳି ଗ୍ରାମବାସୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ପୂରା ଘଟଣା ସଂପର୍କରେ ଜାଣିବାକୁ ଚନ୍ଦନପୁର ଥାନା ପୋଲିସ ସହ ଯୋଗାଯୋଗ କରାଯାଇଥିବାବେଳେ ଘଟଣାସ୍ଥଳରେ ପହଞ୍ଚିବା ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ଚନ୍ଦନପୁର ଥାନା ଆଇଆଇସି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଶିରୁଳି ଗ୍ରାମରେ ଚୋରି ଘଟଣାକୁ ନେଇ ଗାଁ ଲୋକେ ଖଟିଆ ବୁଲାଇଥିଲେ। ତେବେ ଗ୍ରାମରେ ଥିବା ଜଣେ ବ୍ୟକ୍ତିଙ୍କୁ ଚୋର ସନ୍ଦେହରେ ଗାଁ କୋଠଘରେ ଅଟକ ରଖିଥିଲେ।

# ଗଞ୍ଜାମ ଜିଲ୍ଲା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସନ୍ତୋଷୀ ମା’କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ର ମାସିକ କାର୍ଯ୍ୟକାରିଣୀ ବୈଠକ ସଭାପତି ଡାକ୍ତର ଇନ୍ଦୁଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ସହ ଗତ ବୈଠକ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଭାସ୍କର ବେହେରା ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିରୁପାକ୍ଷ ଦାସ, ଉପସଭାପତି ନବୀନ କୁମାର ପଟ୍ଟନାୟକ ଓ ସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟ୍ଟନାୟକ ସଂଘର ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋକପାତ କରିଥିଲେ। ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାର ସମସ୍ତ ଶାଖା ସଂଘଗୁଡିକୁ ଗସ୍ତ କରି ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋଚନା କରିବା ପାଇଁ ନିଷ୍ପତ୍ତି କରାଗଲା। ସଂଘର ନିଜସ୍ୱ କାର୍ଯ୍ୟାଳୟ ତଥା ସଭାଗୃହ ନିମନ୍ତେ ସ୍ଥିରୀକୃତ ସରକାରୀ ଜମି ମଞ୍ଜୁର ନିମନ୍ତେ ଦୀର୍ଘ ଦିନର ଦାବି ଓ ବିଭିନ୍ନ ନ୍ୟାର୍ଯ୍ୟ ଦାବି ଉପରେ ବିଚାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ କରିବା ନିମନ୍ତେ ନିଷ୍ପତ୍ତି କରାଗଲା।

# ଜିଲ୍ଲା ଲେଖକ ସାମ୍ମୁଖ୍ୟର ମାସାନ୍ତ ସାହିତ୍ୟ ଆସର ଓ ନୂତନ ଶାଖା ଉନ୍ମୋଚିତ




**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଲେଖକ ସାମ୍ମୁଖ୍ୟ ଫୁଲବାଣୀର ମାସାନ୍ତ ରବିବାସରୀୟ ସାହିତ୍ୟ ସୃଜନ ସମାବେଶ ଗୋଛାପଡ଼ା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ଲେଖକ ସାମ୍ମୁଖ୍ୟର ନୂତନ ଶାଖା ଗୋଛାପଡ଼ା ଠାରେ ଉଦ୍‌ଘାଟିତ ହୋଇଥିଲା। ଜିଲ୍ଲା ଲେଖକ ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ, ସମ୍ମାନିତ ଅତିଥି କବି ବିଦେଶୀ ନାୟକ ଓ ଶିକ୍ଷାବିତ୍ ତ୍ରିଲୋଚନ ପଣ୍ଡା ଯୋଗ ଦେଇଥିଲେ।

ଏହି ଅବସରରେ ଉତ୍ତମ ଚିକିତ୍ସିକା ଭାବେ ସାଇସ୍ତା ପରବିନ, ଉତ୍ତମ ସ୍ୱାସ୍ଥ୍ୟ ସେବକ ଭାବେ ପ୍ରଶାନ୍ତ କୁମାର ସାହୁ, ଆଦର୍ଶ ଶିକ୍ଷକ ଭାବେ ରମେଶ କୁମାର ସାହୁ, ଶିଶିର କୁମାର ରାଉତରାୟ, ନାଟ୍ୟ ଗୁରୁ ଭାବେ ପଞ୍ଚୁଦେବ ପ୍ରଧାନ, ମେଧାବୀ ଛାତ୍ର ଭାବେ ଅନିରୁଦ୍ଧ ସାହୁ ଏବଂ ସୁକୁମାରୀ କହଁରଙ୍କୁ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ଧଳଙ୍କ ସଂଯୋଜନାରେ ଉପସଭାପତି ଅଶୋକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଧନ୍ୟବାଦ ଥିଲେ। ପରେ ପରେ ଅଧାପିକା ଜ୍ୟୋତିର୍ମୟୀ କହଁର ଓ ଅଧାପିକା ହରପ୍ରିୟା ମିଶ୍ରଙ୍କ ଦ୍ୱାରା ବହୁ ଛାତ୍ରଛାତ୍ରୀ ଓ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଲେଖକ ସାମ୍ମୁଖ୍ୟର ଅନ୍ୟତମ ଉପ ସଭାପତି ବିଜୟ କୁମାର ମହାନ୍ତି, ପୁର୍ଣ୍ଣେନ୍ଦୁ ତ୍ରିପାଠୀ, ବନ ବିହାରୀ ନନ୍ଦ, ନବ କିଶୋର ରଥ, ଦୁର୍ଯ୍ୟୋଧନ ପ୍ରଧାନ, ଆରତି ପରିଛା, ବନିତା ମହାରଣା ସହିତ ଗୋଛାପଡ଼ାର ସବୁ ସାହିତ୍ୟିକ ସହଯୋଗ କରିଥିଲେ। ନୂତନ ଗୋଛାପଡ଼ା ଶାଖାର ସଭାପତି ମୋହନ ଦିଗାଲ, ଉପ ସଭାପତି ପ୍ରେମଲତା ସାହୁ, ସମ୍ପାଦକ ନାଭିଦତ୍ୟ ଦିଗାଲ, ସହ ସମ୍ପାଦକ ନୀଳକାନ୍ତି ସାହୁ, ସଂଗଠନ ସମ୍ପାଦକ ଅର୍ଜୁନ କହଁର, କୋଷାଧକ ଗୌରାଙ୍ଗ କହଁର, ସଦସ୍ୟ କୁଶ ନାୟକ, ମହେନ୍ଦ୍ର କହଁର, କୁନ୍ତଳା ଦିଗାଲ, ରୀନା ନାୟକ, ସାରସ୍ୱତ କହଁରଙ୍କୁ ସଭାପତି ଶ୍ରୀ ମିଶ୍ର ଶପଥ ପାଠ କରାଇଥିଲେ।

# ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର ଦିବ୍ୟାଙ୍ଗ କାଉଡ଼ିଆଙ୍କୁ ସହାୟତା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜଳାଭିଷେକ କରିବା ଓ ମାନସିକ ପୂରଣ କରିବା ଲକ୍ଷ୍ୟରେ ଦିବ୍ୟାଙ୍ଗ ଭାଇମାନଙ୍କୁ ଏକତ୍ରିତ କରି ଜଳାଭିଷେକ କରିବାର ନୂତନ ପ୍ରଚେଷ୍ଟା ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ଦ୍ୱାରା କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ତିନିମୁହାଣି ନିକଟସ୍ଥ ନାଉପାଳ ଗ୍ରାମ ନିକଟ ଗୋବରୀ ନଦୀରୁ ପାଣି ଉଠାଇ ବାବା ବିଲେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ କରିଛନ୍ତି। ସେମାନଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଛି। ସେମାନେ ତାଙ୍କର ତିନି ଚକିଆ ଯାନରେ ବସିଥିଲେ ଓ କାଉଡ଼ି ଭାର ଧରିଥିଲେ। ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ମିଶି ତାଙ୍କ ଯାନକୁ ଠେଲି ଠେଲି ନେଇ ବାବାଙ୍କ ପୀଠରେ ପହଞ୍ଚିଥିଲେ। ଏହା ପରେ ତାଙ୍କୁ କାନ୍ଧରେ କାନ୍ଧ ମିଳାଇ ଟେକି ନେଇ ବାବାଙ୍କ ଦର୍ଶନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, କୋଷାଧକ୍ଷ ବିଭୁ ପ୍ରସାଦ ସାହୁ, ଡାକ୍ତର ବିରେନ୍ଦ୍ର କୁମାର ଦାଶ, ଦିଲ୍ଲିପ କୁମାର ନାଥ, ଶାନ୍ତନୁ ମଲ୍ଲିକ, ବାବାଜୀ ବାରିକ, ସିନୁ କୁମାର ରାଓ, ବିଭୁ ପ୍ରସାଦ ପତି, ଧିରେନ୍ ସାହୁ, ଦେବାଶିଷ ମହାପାତ୍ର, ତାପସ ପରିଡ଼ା, ଅକ୍ଷୟ କୁମାର ଭଳ, ଶଶିକାନ୍ତ ନାଥ, ରମାକାନ୍ତ ସାହୁ, ସୁକୁନି ନାୟକ, ଆଶିଷ ବିଶ୍ୱାଳ ଓ ସଚେତନ୍ ଶତପଥୀ।

# ଜାତି ପାଇଁ ଅଲୋଡ଼ା ହେଲା ଶବ : ସାହା ହେଲା ଲାଇଫ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଉପଖଣ୍ଡ ଯୋଡ଼ା ବ୍ଲକ ବାମେବାରି ଥାନା ଅନ୍ତର୍ଗତ ପଳଶା ପଞ୍ଚାୟତ ଉଚ୍ଚବାଲି ନିକଟରେ ସ୍ଥାନୀୟ ବସନ୍ତପୁର ପଞ୍ଚାୟତ ଜଳିପଦା ଗାଁର ଜଣେ ଭିନ୍ନକ୍ଷମ ବ୍ୟକ୍ତି ନବ ଦେହୁରୀ(କନ୍ଦା) ତାଙ୍କ ଭଉଣୀ ଘରୁ ଫେରୁଥିବା ବେଳେ ଅସାବଧାନତା ବଶତଃ ଟ୍ରେନରେ କଟି ମୃତ୍ୟୁ ବରଣ କରିଥିଲେ। ଜୁରୁଡି ଜିଆରପି ଶବ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ସେ ଭିନ୍ନକ୍ଷମ ଥିବାରୁ ନିଜେ ବିବାହ କରିନଥିବା ବେଳେ କିଛି ସମ୍ପର୍କୀୟ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝରର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଶବକୁ ନିଜ ଗାଁକୁ ନେବାକୁ ସମ୍ପର୍କୀୟମାନେ ଅମଙ୍ଗ ହୋଇଥିଲେ। ଖବର ଅନୁସାରେ ମୃତକ ନବ ଦେହୁରୀ ଭୂୟାଁ ଜନଜାତିର ହୋଇଥିବା ବେଳେ ଗାଁରେ ତାଙ୍କ ପରିବାରର ଜଣେ ଯୁବକ ଅନ୍ୟ ଜାତି ତଥା ମୁଣ୍ଡା ସମ୍ପ୍ରଦାୟର ଝିଅକୁ ବିବାହ କରିଥିବାରୁ କିଛି ବର୍ଷ ହେଲା ଗ୍ରାମବାସୀମାନେ ତାଙ୍କ ପରିବାରକୁ ନିଆଁ ପାଣି ବାସନ୍ଦ କରିଛନ୍ତି। ଏଭଳି ପରିସ୍ଥିତିରେ ଏହି ମୃତକଙ୍କ ଶବକୁ ଗ୍ରାମବାସୀ ତାଙ୍କ ଶ୍ମଶାନରେ ସତ୍କାର ପାଇଁ ଅନୁମତି ଦେଇ ନଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଖବର ପାଇ ଲାଇଫ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର କିଛି ସଦସ୍ୟ ତୁରନ୍ତ କେନ୍ଦୁଝରର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରାଇ ଏକ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ସହରର ପୌରପାଳିକା ଶ୍ମଶାନକୁ ନେଇ ସସମ୍ମାନେ ଶେଷକୃତ୍ୟ ସମ୍ପନ୍ନ କରାଇଥିଲେ। ଏହି ଅବସରରେ ଟ୍ରଷ୍ଟର ସଦସ୍ୟ ସଞ୍ଜୀବ କୁମାର ସାହୁ, ଯୁଧିଷ୍ଠିର ମହାନ୍ତ, ଯୋଗେଶ୍ୱର ମହାନ୍ତ, ପ୍ରିୟବ୍ରତ କମଳକୃଷ୍ଣ ନାୟକ, ବିଦ୍ୟାଧର ମହାନ୍ତ, ରଘୁନାଥ ମହାନ୍ତ, ଚନ୍ଦ୍ରସେନ ମହାନ୍ତ, ସାନ ଯୋଗେଶ୍ୱର ମହାନ୍ତ ଏବଂ ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସତ୍କାର କାର୍ଯ୍ୟକୁ ସମ୍ପନ୍ନ କରାଇଥିଲେ।

# ବଜ୍ରପାତ ମୃତ୍ୟୁ ରୋକିବ ତାଳ ଗଛ : ଚଳିତ ବର୍ଷ ପୋତାଯାଉଛି ୭୮ ହଜାର ତାଳ ମଞ୍ଜି

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଗତବର୍ଷ ବର୍ଷା ଋତୁରେ ମୂଜାଗଡ଼, ଗାଲେରି, ତାରସିଂ, ଜଗନ୍ନାଥପ୍ରସାଦ ଏବଂ କେନ୍ଦ୍ରୀୟ ବନାଞ୍ଚଳ ଅଧିନରେ ୬୮ ହଜାର ତାଳଗଛ ଲଗାଯାଇଥିଲା। ଚଳିତ ବର୍ଷ ଆଉ ୭୮ ହଜାର ତାଳଗଛ ଲଗାଇବା ପ୍ରକ୍ରିୟା ଚାଲିଛି। ଗତବର୍ଷ ଯେଉଁ ମଞ୍ଜି ପୋତା ହୋଇଥିଲା ତାହା ଆଶାନୁରୂପକ ସଫଳତା ମିଳିନଥିବା ଜଣାପଡ଼ିଛି। ତେଣୁ ଚଳିତ ବର୍ଷ ଆଉ ଅଧିକ ଏ ବାବଦରେ ୨୦ ପ୍ରତିଶତ ମଞ୍ଜି ପୋତିବା ଯୋଜନା ଅଛି। ଗତବର୍ଷ ମଞ୍ଜି ଲଗାଇବା ସମୟରେ ବିଭାଗ ବହୁ ବିଳମ୍ବ କରିଥିଲା। ସେତେବେଳକୁ ବର୍ଷା ପ୍ରାୟ କମିଯାଇଥିଲା। ଅନ୍ୟପଟେ ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ମଧ୍ୟ ହୋଇପାରିନଥିଲା। ତେଣୁ ୫୦ ପ୍ରତିଶତରୁ ଅଧିକ ମଞ୍ଜି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି। କିନ୍ତୁ ବିଭାଗ ଆଶଙ୍କା କରୁଛି ୨୦ ପ୍ରତିଶତ ମଧ୍ୟରେ ମଞ୍ଜି ନଷ୍ଟ ହୋଇଥିବ। ଏନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ ଚଳିତ ବର୍ଷ ତାଳ ମଞ୍ଜି ଲଗାଇବା ପ୍ରକ୍ରିୟା ଚାଲିଛ। ଯୋଜନା କିଭଳି ସଫଳ ହେବ ସେଥିପାଇଁ ପଦକ୍ଷେପ ନିଆଯାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଦିନକୁ ଦିନ ବଜ୍ରପାତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ତାଳ ଗଛ ହିଁ ଏକମାତ୍ର ବିକଳ୍ପ ବୋଲି ସରକାର ତିନିବର୍ଷ ପୂର୍ବେ ହୃଦ୍‌ବୋଧ କରିଥିଲେ। ଏହାପରେ ଗତବର୍ଷ ରାଜ୍ୟର ସମସ୍ତ ବନଖଣ୍ଡରେ ତାଳ ମଞ୍ଜି ବିଭିନ୍ନ ଯୋଜନାରେ ପୋତା ଯାଇଥିଲା। ଗତବର୍ଷ ଯୋଜନାର ସଫଳତାକୁ ଦେଖି ସରକାର ଚଳିତ ବର୍ଷ ଶିକ୍ଷାନୁଷ୍ଠାନ ପାଚେରୀ କଡ଼, ପୋଖରୀ ଆଡ଼ୀ ଗୁଡିକରେ ମଧ୍ୟ ମଞ୍ଜି ପୋତିବା ଲକ୍ଷ୍ୟ ରଖିଛନ୍ତି। ତେଣୁ ବନ ବିଭାଗ ପକ୍ଷରୁ ମଞ୍ଜି ପୋତା ଚାଲିଛି। ଏହିଭଳି ଗାଲେରି ରେଞ୍ଜ ଏବଂ ଗାଲେରୀ ଦଣ୍ଡପାଣି ମହାର୍ଥୀ ଜାତୀୟ ସେବା ଯୋଜନା ପକ୍ଷରୁ ମିଳିତ ଭାବେ ତାଳ ମଞ୍ଜି କଲେଜ ପାଚେରୀ ଚାରିପଟେ ଲଗାଯାଇଥିଲା। ରେଞ୍ଜର ଆଶାଲତା ଦିଗାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନା ଅଧିକାରୀ ଦୁର୍ଗା ମାଧବ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଟ୍ରକ୍ ଚଳାଚଳ କଟକଣାକୁ ବିଭିନ୍ନ ସଂଘର ବିରୋଧ



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ଟ୍ରକ ମାଲିକ ସଙ୍ଘ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାବାଞ୍ଜି ସହର ଭିତରେ ସକାଳ ୮ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ପ୍ରବେଶ କରିପାରିବ ନାହିଁ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଏହାକୁ କଣ୍ଟାବାଞ୍ଜି ଟ୍ରକ୍ ମାଲିକ ସଂଘ, ହେମାଲ ସଂଘ, କିରାନା ମର୍ଚେଣ୍ଟ ସଂଘ, ଚେମ୍ବର୍ ଅଫ କମର୍ସ, ବିରୋଧ କରିଛି। ନିଜ ଦାବିରେ ସଂଘ କହିଛି ଯେ, କଣ୍ଟାବାଞ୍ଜିରେ ଟ୍ରକ୍ ଚଳାଚଳକୁ ନିଷେଧ କରିବା ଅନାବଶ୍ୟକ ଏ ସଂପର୍କରେ କୌଣସି ନିଷ୍ପତ୍ତ ନେବା ପୂର୍ବରୁ ଟ୍ରକ ମାଲିକ ସଙ୍ଘ ଓ ଅନ୍ୟ ସଂଘ ସହ ଆଲୋଚନା କରାଯିବା ଦରକାର। କଣ୍ଟାବାଞ୍ଜି ସହର ଏକ ପ୍ଲାନିଂ ସହର, ତେଣୁ ଟ୍ରକ ପଶିଲେ କୌଣସି ସମସ୍ୟା ହେବ ନାହିଁ ବୋଲି ଟ୍ରକ୍ ମାଲିକ ସଂଘ ଲିଖିତ ଦାବି କରିଛନ୍ତି। ଏହାକୁ ନେଇ ସହରର ସମସ୍ତ ସଂଘ ସହ ଏକ ବୈଠକ କରାଯାଇ ନିଷ୍ପତ୍ତି ନିଆଯାଉ ବୋଲି ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଟ୍ରକ ମାଲିକ ସଂଘ ସଭାପତି ପ୍ରଭଜିତ ସିଂ ସାଲୁଜା, ଉପସଭାପତି ଅନିଲ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ହେମାଲ ସଂଘ ସଭାପତି ଶେଷଦେବ ପୁଟେଲ, ଚେମ୍ବର ଅଫ କମର୍ସ ସଭାପତି ଅନିଲ ଅଗ୍ରୱାଲ ବ୍ରଦର୍ସ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜିଡିପି ବଢ଼ିଲା ୮.୪%

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରିଂ) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି। ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ବିଯୁକ୍ତ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରିମାସୀରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା।

ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି।

ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷର ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଛି। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍‌ଏସ୍‌ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାମନ୍ତ୍ରୀ କହିଛନ୍ତି।

# ଶ୍ରୀଜୀଉଙ୍କ ଭକ୍ତିରେ ନ ଅଟକୁ ଦିବ୍ୟାଙ୍ଗତା

## ଆପଣଙ୍କ ମତାମତ



**ମହାଶୟ**

ବିଶ୍ୱନିଅନ୍ତା କୋଟି କୋଟି ଶ୍ରଦ୍ଧାଳୁଙ୍କ ମଉଡ଼ମଣି, ଓଡ଼ିଶାର ଆସ୍ଥା ଓ ଆତ୍ମାର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଶ୍ରୀଜୀଉଙ୍କ ଭକ୍ତି କେବଳ ଏକ ଧାର୍ମିକ କାର୍ଯ୍ୟ ନୁହେଁ, ଏହା ଜୀବନର ଏକ ଆଧାର। ରତ୍ନବେଦୀରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ବେଢା ପରିକ୍ରମାର ଦିବ୍ୟ ଅନୁଭୂତି ଉପଲବ୍ଧ କରିବା ପ୍ରତ୍ୟେକ ଭକ୍ତର ବୃହତ ଇଚ୍ଛା। ଦିବ୍ୟାଙ୍ଗ ଭକ୍ତମାନେ ବି ଏହି ଭକ୍ତିରେ ଅଗ୍ରଗାମୀ, ତାଙ୍କର ଶ୍ରଦ୍ଧା ଓ ନିଷ୍ଠା ଏକ ଅନନ୍ୟ କିନ୍ତୁ ଏହି ଇଚ୍ଛା ଓ ଅନୁଭୂତି ପ୍ରାପ୍ତ କରିବାର ଅଭିଳାଷ ସ୍ୱପ୍ନ ହୋଇ ରହିଯାଇଛି ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ ପାଇଁ, ତେବେ ଏହି ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ସୁବିଧାଜନକ ଓ ମର୍ଯ୍ୟାଦାପୂର୍ଣ୍ଣ ହେବା ଏକ ଅଧିକାର ଓ ଆବଶ୍ୟକତା।

ବିଶେଷ ଆଧ୍ୟାତ୍ମିକ ଅନୁଭୂତି ଏହା କି ଯେ ଯେତେବେଳେ ଆମେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କ ସ୍ୱରୂପକୁ ଭକ୍ତିରେ ଅନୁଧାନ କରିବା ଏହା ପରିଲକ୍ଷିତ ହେବ ଯେ ପ୍ରଭୁ ଶ୍ରୀଜିଉ ନିଜେ ଅର୍ଦ୍ଧନିର୍ମିତ ନୁହଁନ୍ତି ସେମାନେ ଦିବ୍ୟାଙ୍ଗ ସ୍ୱରୂପ ନେଇ ବିରାଜିତ ହୋଇଛନ୍ତି। ହାତ, ପାଦ ନଥିବା ଅବସ୍ଥାରେ ବି ଶ୍ରୀଜୀଉ ଏକ ଶକ୍ତିର ଚିହ୍ନ। ଏହି ରୂପ ବ୍ୟକ୍ତ କରେ ଯେ ଦେହ ନୁହେଁ, ଭକ୍ତି ଓ ଆତ୍ମା ହେଉଛି ମୁଖ୍ୟ। ଏହା ଦିବ୍ୟାଙ୍ଗତା ଉପରେ ଏକ ଅତୁଳନୀୟ ନିବେଶ, ଯାହା ଉପଲବ୍ଧି ପ୍ରାପ୍ତ କରାଏ ଯେ ଶାରୀରିକ ସୀମା ଥିଲେ ବି, ଦିବ୍ୟତାର କ୍ଷମତା ଅପାର। ବର୍ତ୍ତମାନ ବିଶ୍ୱ ସମାନ ଅଧିକାର ଓ ସମାଜିକ ନ୍ୟାୟ ଦିଗରେ ଆଗେଇଯାଉଛି। ଶ୍ରୀମନ୍ଦିର ପ୍ରବେଶ ଦ୍ୱାର, ରାମ୍ପ, ହ୍ୟାଣ୍ଡରେଲ୍, ତଥା ସ୍ୱଚ୍ଛାସେବୀ ସ୍ୱତନ୍ତ୍ର ଶିକ୍ଷକ ସେବା ଯଦି ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଉପଲବ୍ଧ କରାଯାଏ, ତେବେ ଶ୍ରୀମନ୍ଦିର ଭଳି ଧାର୍ମିକ ସ୍ଥଳ ଏକ ସାର୍ବଜନୀନ ଭକ୍ତି କ୍ଷେତ୍ର ରୂପେ ପରିଣତ ହୋଇପାରିବ। ସମାଜ ଯେତେବେଳେ ଦିବ୍ୟାଙ୍ଗତାକୁ ଅବସର ଭାବରେ ଗ୍ରହଣ କରେ, ସେତେବେଳେ ଅନ୍ତର୍ଭୁକ୍ତି ଓ ମର୍ଯ୍ୟାଦାର ରାସ୍ତା ଖୋଲିଥାଏ। ଏହା ଗୋଟିଏ ମାତ୍ର ନୈତିକ ଦାୟିତ୍ୱ ନୁହେଁ, ଏହା ମଧ୍ୟ ଶ୍ରୀଜୀଉଙ୍କ ନିଜ ରୂପ ସାର୍ଥକତାର ପ୍ରତୀକ।

'ଯେଉଁଠାରେ ଆମ ପ୍ରଭୁ ନିଜେ ଦିବ୍ୟାଙ୍ଗ ରୂପେ ବିରାଜିତ, ସେଠି ତାଙ୍କ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଦ୍ୱାର ବନ୍ଦ ରହିବା କେମିତି ଯୁକ୍ତିଯୋଗ୍ୟ ?'

ଏହି ଚିନ୍ତାଧାରାକୁ ସକ୍ରିୟ କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି, ଓଡ଼ିଶା ସରକାର ଓ ସାର୍ବଜନୀନ ସ୍ୱେଚ୍ଛାସେବୀ ସଂଗଠନମାନେ ଆଗକୁ ଆସି ଏକ ମାନବିକ ଓ ଧାର୍ମିକ ଦୃଷ୍ଟିକୋଣ ରଖି ଦୃଢ଼ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ଓଡ଼ିଶାର ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ସ୍ୱାବଲମ୍ବନ ପାଇଁ କାର୍ଯ୍ୟରତ ସଙ୍ଗଠନ ଓଡିଶା ସ୍ପେସିଆଲ ଏଜୁକେଟର ଫେଡେରେସନ ଫର ଦିବ୍ୟାଙ୍ଗ (ଓଏସଇଏଫଡ଼ି) ସର୍ବଦା ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ।

**ଆୟୁଷ୍ମାନ ଚୌଧୁରୀ**
ମନୋବିଜ୍ଞାନୀ ସ୍ୱତନ୍ତ୍ର ଶିକ୍ଷକ, ଚେତନା ଅନୁଷ୍ଠାନ,
ସମ୍ପାଦକ, ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ (ଓଏସଇଏଫଡ଼ି)
ଭୁବନେଶ୍ୱର, ମୋ-୯୩୪୮୨୯୫୫୫୬

# ଜନଜାତି ମହାନାୟକ - ବିପ୍ଳବୀ ବୀର ଚକରା ବିଷୋୟୀ



**ନେତାଜୀ ବିଷୋୟୀ**
ମୋ : ୯୪୩୭୭୨୨୬୯୭



ନିଘଞ୍ଚ ଜାଙ୍ଗଲିକ ପରିବେଶକୁ ଚଳଚଞ୍ଚଳ କରିଥିଲା ଗୋଟିଏ ଆଦିବାସୀ ଶିଶୁ । ସେ ଯେଉଁଠାରେ ଜନ୍ମ ଗ୍ରହଣ କରିଥିଲେ ସେ ଗ୍ରାମଟିର ନାମ ଥିଲା ତୋରାବାଡ଼ି । ତୋରାବାଡ଼ି ସୋରଡ଼ା ଠାରୁ ୨୦ ମାଇଲ ଦୂର ଏବଂ କରଡ଼ା, ବାଇବାଲି ଓ ବିଂଝିଗିରିର ମଧ୍ୟଭାଗ ଏବଂ ବାଲିଗୁଡ଼ା ଥାନା ଅନ୍ତର୍ଗତ ଥିଲା । ସେତେବେଳେ ବାଲିଗୁଡ଼ା ଗଂଜାମ ଜିଲ୍ଲାର ଶାସନରେ ଥିଲା ।

୧୮୨୩ ମସିହା ଶାମ୍ବଦଶମୀ ଚକରାଙ୍କ ଜନ୍ମ ଏକ ବେଣିଆ କନ୍ଧ ପରିବାରରେ । ମହାନ୍ ବିପ୍ଳବୀ ବିଷୋୟୀ ପରିବାରରେ ତାଙ୍କ ଜନ୍ମ। ସମୟଥିଲା ଚକରା ବିଷୋୟୀଙ୍କ ସପରିବାର ବିଂଝିଗିରି ଗ୍ରାମରେ ବସବାସ କରୁଥିଲେ । ଏହି ବିଂଝିଗିରି ଗ୍ରାମ ବର୍ତ୍ତମାନ ଭଂଜନଗର ବ୍ଲକ ଅନ୍ତର୍ଗତ ସାନକୋଦଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ। ଏହା ବାହାଡ଼ାପଦରଠାରୁ ମାତ୍ର ଦୁଇ କିଲୋମିଟର ଦୂର ।

କମଳଲୋଚନ ଦୋରା, ଚକରାଙ୍କ ଦାଦା ଧନଞ୍ଜୟ ଭଞ୍ଜଙ୍କ ପ୍ରଧାନ ସେନାପତି ଥିଲେ । ଘୁମୁସର ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାରେ ସେ ଆଣିଥିଲେ ବୈପ୍ଳବିକ ପରିବର୍ତ୍ତନ କିନ୍ତୁ ଦୁଃଖର ବିଷୟ ଧନଞ୍ଜୟ ଭଞ୍ଜଙ୍କୁ ବ୍ରିଟିଶ ସରକାର ଗାଦିଚ୍ୟୁତ କରାଇବାର ପ୍ରତିକ୍ରିୟାରେ ଖଡ଼ଗ ଉତ୍ତୋଳନ କରିଥିଲେ ସେ । ଫଳତଃ ଦୋହରାଙ୍କ ଜୀବନ ପ୍ରତି ପ୍ରତିମୁହୂର୍ତ୍ତରେ ବିପଦଥିଲା। ନିଜଗ୍ରାମ ବିଂଝିଗିରିକୁ ବ୍ରିଟିଶ୍ ଶାସକମାନଙ୍କ କୋପଦୃଷ୍ଟି କ୍ରମେ ସେ ଏ ଗାଁ ଛାଡ଼ି ଅନ୍ୟତ୍ର ଚାଲି ଯିବାକୁ ପ୍ରୟାସ କରିଥିଲେ ଏବଂ ସମୟକ୍ରମେ ସେ ତୋରାବାଡ଼ି ଯିବାକୁ ବାଧ୍ୟ ହୋଇଥିଲେ। ଦୋହରା ଏଠାରେ ପ୍ରଶିକ୍ଷଣ ଶିବିର ସ୍ଥାପନ କରିଥିଲେ ।

ଏହି ଗୁପ୍ତ ନିଘଞ୍ଚ ବନଭୂମି ଫିରିଙ୍ଗି ସୈନ୍ୟମାନଙ୍କ ଗୋଚରରେ ପଡ଼ିନଥିଲା ଏହି ଐତିହାସି ପୀଠଭୂମି ତୋରାବାଡ଼ିର ଶାନ୍ତ ନିସ୍ତବ୍ଧ ବନ ଭୂମିକୁ ଚକରାର କୁଆଁ କୁଆଁ ରାବ ବୈପ୍ଳବିକ ବାର୍ତ୍ତା ଆଣି ଦେଇଥିଲା । ଘୁମୁସରର କୁଲାଡ଼ଗଡ଼ ଉପରେ ଇଂରେଜ ମାନଙ୍କ ବାରମ୍ବାର ଦଖଲ ଚକରାଙ୍କ ନିରାପଦ ଜନ୍ମ ନେଇ ଆତଙ୍କ ସୃଷ୍ଟି କରିଥିଲା । ତେଣୁ ବିଂଝିଗିରିଠାରୁ ଚକରାଙ୍କ ବଂଶଧର ମାନେ ତୋରାବାଡ଼ିକୁ ନିରାପଦ ମଣିଥିଲେ ।

ପିଲାଟି ଦିନରୁ ଚକରା ଅତ୍ୟନ୍ତ ସାହସୀ ଥିଲେ । ଘୁମୁସରର ଘନଘଞ୍ଚ ଅରଣ୍ୟାନୀ ଭିତରେ ବୁଲି ସେ ସମୟ ଅତିବାହିତ କରୁଥିଲେ। ତୀର ତରବାରୀ ଚଳାଇ ଶିଖିବା ତାଙ୍କର ଥିଲା ନିତି ଦିନିଆ କାମ । ତା' ବ୍ୟତୀତ ଆଦିବାସୀ ପିଲାମାନଙ୍କ ସାଙ୍ଗରେ ଖେଳକୁଦ କରିବାକୁ ସେ ବେଶ୍ ଭଲ ପାଉଥିଲେ । କନ୍ଧ ବାଳକ ବୁଟିଆ ତାଙ୍କର ଥିଲେ ଅନ୍ତରଙ୍ଗ ବଂଧୁ। ପିଲାଟିଏ ହେଲେ କ'ଣ ହେଲା ଚକରା ଅନେକ ଆର୍ଶ୍ଚର୍ଯ୍ୟ କାମ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସେଦିନ ମାନଙ୍କରୁ ଜଣାପଡୁଥିଲା ସେ ବଡ଼ ହେଲେ ନିଶ୍ଚୟ ନାଁ ରଖିବ । ଟିକିଏ ବଡ଼ ହେଲାପରେ ବାଡ଼ି ଘୂରାଇବା, ପଥର ଉତ୍ତୋଳନ, ଖଣ୍ଡାଚାଳନା, ମଲ୍ଲ ଯୁଦ୍ଧ ଆଦି ଶିକ୍ଷା କରିଥିଲେ। ଜଙ୍ଗଲର ବନ୍ୟଜନ୍ତୁ ମାନଙ୍କ ପଛରେ ଧାଇଁବା, ପଶୁପକ୍ଷୀ ଶିକାର କରିବାରେ ସେ ଖୁବ୍ ଆନନ୍ଦ ପାଉଥିଲେ। ପିଲାବେଳେ ସେ ନିଜ ମାଆଙ୍କ ଠାରୁ ବାପା, କକା କିପରି ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି ପ୍ରାଣବଳି ଦେଇଛନ୍ତି ଶୁଣିଥିଲେ। ଇଂରେଜ ମାନେ ଆମ ଦେଶର ଲୋକମାନଙ୍କ ଉପରେ କିପରି ଅକଥନୀୟ ଅତ୍ୟାଚାର କରୁଥିଲେ ଏ କଥା ଶୁଣି ତାଙ୍କ ଆଖିରେ ଲୁହ ଚାଲି ଆସୁଥିଲା ।

ଚକରାଙ୍କୁ ମାତ୍ର ୧୩ ବର୍ଷ ହୋଇଥିଲା ବେଳେ ଦାଦା ଦୋହରା ବିଷୋୟୀ ବନ୍ଦୀ ଜୀବନ ବିତାଉ ଥିଲେ। ବଂଶର ନନ୍ଦ ବିଷୋୟୀ, ପିତା ରାମସିଂ ବକସି ବିଷୋୟୀ, ବଂଶର ପୁନିଆ ନାୟକ, ଶଙ୍ଖ ବିଷୋୟୀ ଇଂରେଜ ହାତରେ ପ୍ରାଣ ଦେଲେ କିନ୍ତୁ ଚକରା ନାବାଳକ ଥିବାରୁ ଜର୍ଜ ହଡ଼୍‌ସନଙ୍କ ଇଜାଲସ୍ ଆଇନ ପ୍ରକାରେ ଇଂରେଜ ସରକାର ତାଙ୍କୁ ଛାଡ଼ି ଦେଇଥିଲେ। ପରିବାରର ମୁଖିଆ ମାନେ ମରିଯିବାରୁ ତାଙ୍କୁ ଚାରିଆଡ଼େ ଅନ୍ଧକାର ଦେଖାଗଲା । ତାଙ୍କମନ ଏକାବେଳକେ ଭାଙ୍ଗି ପଡ଼ିଲା । ଘରେ ରହିବାକୁ ତାଙ୍କୁ ଆଉ ଭଲ ଲାଗିଲା ନାହିଁ। ତେଣୁ ସେ ଘରଛାଡ଼ି ଜଙ୍ଗଲକୁ ଚାଲିଗଲେ । ସ୍ତ୍ରୀ ତାରକା ମଧ୍ୟ ଚକରାଙ୍କ ସହିତ ଜଙ୍ଗଲକୁ ଚାଲିଗଲା । ଜଙ୍ଗଲରେ ରହିବା ଭିତରେ ଇଂରେଜ ସରକାରଙ୍କ ବିରୁଦ୍ଧରେ କିପରି ସଂଗ୍ରାମ କରିବେ ସେଥିପାଇଁ ପ୍ରସ୍ତୁତ ହେଲେ । ଧର୍ମପତ୍ନୀ ତାରକା ଚକରାଙ୍କ ପାଖେ ପାଖେ ଥାଇ ଉତ୍ସାହିତ କରୁଥିଲେ। ଚକରାଙ୍କ ଜଙ୍ଗଲରେ କିଛି ଦିନ ଅତିବାହିତ ହୋଇଗଲା । ସେ ଯୁବକରେ ପରିଣତ ହେଲେ । ଇଂରେଜ ସରକାରଙ୍କ ବିରୁଦ୍ଧରେ ସ୍ୱର ଉଠାଇବା ପାଇଁ ଯୋଜନା କରୁଛନ୍ତି ଏ ଖବର ସଂଗ୍ରହ କରି ସରକାର ତାଙ୍କ ଉପରେ କଡ଼ା ଦୃଷ୍ଟି ରଖିଲେ । ଚକରାଙ୍କୁ ସଦାସର୍ବଦା ଗୋଟିଏ ଚିନ୍ତା ଘାରିଥିଲା "ତାଙ୍କ ପରିବାର ବର୍ଗ ଏବଂ ଗ୍ରାମର ଲୋକମାନଙ୍କୁ ଯିଏ ମାରିଛି, ନିରୀହ ଲୋକଙ୍କ ଉପରେ ଯିଏ ଅତ୍ୟାଚାର କରୁଛି ତାକୁ ହଟାଇବା ପାଇଁ।"

ଏ ସକଳ ଦୁଃଖ ଦାୟକ ପ୍ରସଙ୍ଗର ପ୍ରତିଶୋଧ ନେବାପାଇଁ ଚକରା ବାଲ୍ୟ କାଳରୁ ପ୍ରତିଶୋଧ ପରାୟଣ ହୋଇ ପଡ଼ିଲେ । । ଚକରାଙ୍କୁ ଯେତେବେଳେ ୧୮ ବର୍ଷ ସେ ପ୍ରତିକାରର ବିବିଧ ଚିନ୍ତା, ଉପାୟ ଚିନ୍ତା କରିବାକୁ ଲାଗିଲେ। ଚକରା ହାତରେ ଖଡ଼ଗ, କାନ୍ଧରେ ଧନୁତୀର ଝୁଲାଇ ଆଉ ମଥାରେ ବିଜୟର ଟୀକା ନେଇ ବାହାରି ପଡ଼ିଲେ ଇଂରେଜ ବିରୁଦ୍ଧରେ ସଂଘର୍ଷ ପାଇଁ । ଘୁମୁସର ମାଟିରେ ଯୁବକମାନଙ୍କୁ ଏକତ୍ର କରି ଚକରା ଆରମ୍ଭ କଲେ ବ୍ରିଟିଶ ବିରୁଦ୍ଧରେ ଏକ ସଂଗ୍ରାମ ମୟ ଅଧ୍ୟାୟ। ସେ ନିଜର ଜାତିଭାଇ ମାନଙ୍କୁ ନେଇ ଅତ୍ୟାଚାରୀ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼ାଇ କରିଥିଲେ । ହଜାର ହଜାର ଆଦିବାସୀ ପ୍ରଜା ତାଙ୍କ ଦଳରେ ନିଜକୁ ସାମିଲ କଲେ । ଇଂରେଜ ସରକାରଙ୍କୁ ଠିକଣା ଜବାବ ଦେବଲାଗି ସଭିଏଁ ଧନୁତୀର ଧରିଲେ ।

ଘୁମୁସର ରାଜାଙ୍କ ମୃତ୍ୟୁପରେ ପିତାମ୍ବର ଭଂଜ ବୋଲି ଜଣେ ରାଜ ପୁତ୍ର ରାଜା ହେବା କଥା କିନ୍ତୁ ଇଂରେଜ ସରକାର ସେହି ରାଜପୁତ୍ରଙ୍କୁ ରାଜଗାଦିରେ ବସାଇ ଦେଲେ ନାହିଁ । ଏ ଘଟଣାରେ ବିଦ୍ରୋହୀ ଚକରା ବିଷୋୟୀ ଆହୁରି ରାଗି ଉଠିଲେ।

ଚକରା ବିଷୋୟୀଙ୍କ ସଂଗ୍ରାମୀ ଜୀବନ ଆରମ୍ଭ ହୁଏ ୧୮୪୧ ମସିହାରୁ । ସେ ପ୍ରଥମ କରି ଘୁମୁସର ନୂଆଗାଁର ବ୍ରିଟିଶ୍ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। କାର୍ଯ୍ୟାଳୟର ବ୍ରିଟିଶ୍ ଦଲିଲକୁ ପୋଡ଼ାଜଳା କରିବା ସହିତ କାର୍ଯ୍ୟାଳୟକୁ ଭଙ୍ଗାରୁଜା କରିଥିଲେ । ଏହାପରେ ସେ ଚାଲିଯାଇଥିଲେ ବୌଦ୍ଧ ରାଜ୍ୟକୁ । ସେଠାରେ ମଧ୍ୟ ବ୍ରିଟିଶ୍ ବିରୁଦ୍ଧରେ ଆନ୍ଦୋଳନର ସୂତ୍ରପାତ କରିଥିଲେ ଘନ କଅଁର ଓ ମହେଶ୍ୱର କଅଁର । ଚକରା ବିଷୋୟୀ ଏ ଦୁଇ ବନ୍ଧୁଙ୍କୁ ସହଯୋଗ କରି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ । ତାପରେ ଚକରା ବିଷୋୟୀ ବ୍ରିଟିଶ୍ ବିରୁଦ୍ଧ ସ୍ଲୋଗାନକୁ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ସେ ଆଗେଇଲେ ବଲାଙ୍ଗୀର ପାଟଣା । ବଲାଙ୍ଗୀର ପାଟଣାର ବିଷୋୟୀ ଧର୍ମ ସିଂ ମାନ୍ଧତା ଚକରାଙ୍କୁ ସାହାଯ୍ୟ କଲେ । ଏଥି ସହିତ ସୋନ୍‌ପୁରର ରାଣୀ ମଧ୍ୟ ଚକରାଙ୍କୁ ଆଶ୍ରୟ ଦେଇ ବ୍ରିଟିଶ୍ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚନା କରିବାରେ ଚକରାଙ୍କୁ ସାହାଯ୍ୟ କରିଥିଲେ । ୧୮୪୮ ମସିହାରେ ଚକରା ବିଷୋୟୀ ଅନୁଗୁଳ ଯାତ୍ରା କରିଥିଲେ । ଅନୁଗୁଳର ତତ୍କାଳୀନ ରାଜା ଥାଆନ୍ତି ସୋମନାଥ ସିଂ । ସୋମନାଥ ସିଂ ଚକରାଙ୍କୁ ଗୁପ୍ତ ଆଶ୍ରୟ ଦେଲେ ଏବଂ ବ୍ରିଟିଶ୍ ବିରୋଧି କାର୍ଯ୍ୟ କରିବାରେ ଚକରା ସୁଯୋଗ ପାଇପାରିଥିଲେ । ଏ ଦିଗରେ ଚକରା ଦୁଇଶହ ସୈନ୍ୟ ଅନୁଗୁଳକୁ ପଠାଇଥିଲେ। ଏହାପରେ ୧୮୫୫ ମସିହାରେ ଚକରା ସଂଗଠନ ସୁଦୃଢ଼ କରିବା ପାଇଁ ଚାଲିଗଲେ ରାମପୁର ମଦନରାମପୁର। ସେଠାରେ ରେଣ୍ଡ ମାଝି ବିଟ୍ରିଶ୍‌ମାନଙ୍କ ବିରୁଦ୍ଧରେ କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି ଏବଂ ଚକରାଙ୍କ ସାହାଯ୍ୟ କ୍ରମେ ସେ ବ୍ରିଟିଶ୍‌ମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ପ୍ରଶାସକମାନଙ୍କୁ ଅତିଷ୍ଠ କରିଦେଇଥିଲେ। ୧୮୫୭ ମସିହାର କଥା ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଥାଏ ସୌରା ବିପ୍ଳବ । ଏଠାକାର ବିଷୋୟୀ ରାଧାକୃଷ୍ଣ ଦଣ୍ଡସେନା ସୌରା ବିପ୍ଳବର ନେତୃତ୍ୱ ନେଇଥାନ୍ତି। ଠିକ୍ ଏହି ସମୟରେ ପାରଳାଖେମୁଣ୍ଡିରେ ପହଞ୍ଚି ସୌରା ବିପ୍ଳବକୁ ଆଗେଇ ନେଇଥିଲେ। ଏହି ସମସ୍ତ ଘଟଣାବଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଚକରା ବିଷୋୟୀ ଥିଲେ ଗଣ ଆନ୍ଦୋଳନର ସୂତ୍ରଧର । ଏଥି ସହିତ ଚକରା ବିଷୋୟୀ କମଳ ଲୋଚନ ପାଇକରାୟଙ୍କ ନେତୃତ୍ୱରେ ନୟାଗଡ଼ରେ ଚାଲିଥିବା କରବନ୍ଧ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଅସ୍ତ୍ରଶସ୍ତ୍ର ଯୋଗାଇଥିଲେ। ବସ୍ତରର ଥାଟ ରାଜା ଦଳଗଞ୍ଜନ ସିଂହଙ୍କ ଠାରୁ ମଧ୍ୟ ସେ ସହଯୋଗ ପ୍ରାପ୍ତ ହୋଇ ଥିଲେ। ମ୍ୟାକ୍ ଡ଼ୋନାଲ୍ଡ, ମ୍ୟାକ୍ ଫର୍ସନ୍, କ୍ୟାମ୍ବେଲଙ୍କ ଭଳି ବ୍ରିଟିଶ୍ କ୍ୟାପ୍‌ଟେନ୍, ଜେନେରାଲ, କମିସନରଙ୍କ ନିଦ ହଜାଇଦେଇଥିଲେ ବିପ୍ଳବୀ ବୀର ଚକରା ବିଷୋୟୀ। ଚକରାଙ୍କ ଅଦମନୀୟ ସଂଗ୍ରାମ ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା। ୧୮୪୮ ମସିହାରେ ଭାରତର ଗଭର୍ଣ୍ଣର ଜେନେରାଲ ଚକରାଙ୍କ ଦୌରାତ୍ମ୍ୟ ସଂପର୍କରେ ଇଷ୍ଟଇଣ୍ଡିଆ ବୋର୍ଡ଼ ଅଫ୍ କଣ୍ଟ୍ରୋଲ ଏବଂ ମାଡ୍ରାସ୍ ପ୍ରେସିଡ଼େନ୍ସିକୁ ସ୍ୱତନ୍ତ୍ର ଚିଠି ମଧ୍ୟ ଲେଖିଥିଲେ।

୧୮୩୬ ଠାରୁ ୧୮୫୬ ଦୀର୍ଘ ୨୦ ବର୍ଷର ସଂଗ୍ରାମୀ ଜୀବନକୁ ସାଥୀକରି ଚକରା ଓଡ଼ିଶାର ଇତିହାସ ପୃଷ୍ଠାରେ ଏକ ବିରଳ ସଂଗ୍ରାମୀ ଜୀବନ ସୃଷ୍ଟି କରିଯାଇଛନ୍ତି। ଜୀବନକୁ ତିଳ ତିଳ କରି ବଣଜଙ୍ଗଲ ଘେରା ପାହାଡ଼ ଭିତରେ ରହି ବ୍ରିଟିଶ୍‌ମାନଙ୍କ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବା କେତେ ଯେ କଷ୍ଟସାଧ ବ୍ୟାପାର । ୧୮୫୬ ପରେ ସେ ଇତିହାସ ପୃଷ୍ଠାରୁ ନିଖୋଜ ହୋଇଗଲେ। କିନ୍ତୁ ଅମର ହୋଇଗଲେ ଘୁମୁସର ମାଟିର ଇତିହାସ ସାଥେ। ଏହି ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁ। ଆଉ ତାଙ୍କରି ହଜିଯାଇଥିବା ପାଦ ଚିହ୍ନକୁ ସାଉଁଟି ନେଉଛି ଘୁମୁସର ମାଟି ।

# ଓଡ଼ିଆ ଅସ୍ମିତା ଏବଂ ବିକଶିତ ଓଡ଼ିଆ ଭାଷା



**ପ୍ରଶାନ୍ତ କୁମାର ନାୟକ**
ୟୁନିଟ-୦୫, ଭୁବନେଶ୍ୱର – ୦୧
ଫୋନ – ୮୨୪୯୬୫୦୪୧୪

ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଗୌରବମୟ ଇତିହାସ ପାଇଁ ଜଣାଶୁଣା ଓଡ଼ିଶା ସର୍ବଦା ସ୍ଥିରତା ଓ ନିଷ୍ଠାର ପ୍ରତୀକ ହୋଇ ରହିଆସିଛି । ଓଡ଼ିଆ ଅସ୍ମିତା (ଓଡ଼ିଆର ପରିଚୟ ) ର ଧାରଣା ଓଡ଼ିଆ ଲୋକଙ୍କ ଆତ୍ମା, ସେମାନଙ୍କର ଭାଷା, ସଂସ୍କୃତି, ସାହିତ୍ୟ, ଆମର ଅଭିମାନ, ସ୍ୱାଭିମାନ ଏବଂ ପରମ୍ପରାକୁ ହିଁ ଧାରଣା କରିଥାଏ । ଏହାହିଁ ଆମର ଓଡ଼ିଆ ଅସ୍ମିତା ।

ଓଡ଼ିଆ ଅସ୍ମିତାରେ ନିହିତ ଅଛି ବିକଶିତ ଓଡ଼ିଶା ଗଠନର ମୂଳମନ୍ତ୍ର ।

ପ୍ରକୃତରେ ଅସ୍ମିତା ଶବ୍ଦଟି ମୂଳ ସଂସ୍କୃତ ଶବ୍ଦରୁ ଆନୀତ। ଅସ୍ମ + ଇତା = ଅସ୍ମିତା । ଅସ୍ମ କହିଲେ ଅସ୍ତିତ୍ୱ ଏବଂ ଇତା କହିଲେ ପରିଚୟ । ଅର୍ଥାତ ସର୍ବପ୍ରଥମେ ଅସ୍ତିତ୍ୱ ଓ ତାପରେ ଯାଇ ପରିଚୟ । ଗୋଟିଏ ଭାଷାହିଁ ଗୋଟିଏ ଜାତିର ପରିଚୟ ହୋଇଥାଏ । ଓଡ଼ିଆ ଅସ୍ମିତା କହିଲେ ସାଧାରଣତଃ ଆମ ଓଡ଼ିଆ ଭାଷାର ଅସ୍ତିତ୍ୱ ଏବଂ ତାର ପରିଚୟକୁ ବୁଝାଏ । ଦେବ ଭାଷା ବୋଲାଉଥିବା ସଂସ୍କୃତ ଭାଷା ଆମ ଓଡ଼ିଆ ଭାଷା ସହିତ ମୌଳିକ ଭାବରେ ଜଡିତ । ସାଧାରଣ ଭାବରେ ଦେଖିବାକୁଗଲେ ଭାଷା ଓ ସାହିତ୍ୟ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ହୋଇଥାଏ । ତେଣୁ ଭାଷା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡିତ ।

ପ୍ରଥମ ଓଡ଼ିଆ ସାହିତ୍ୟ ଭାବରେ ପରିଚିତ ହାତୀ ଗୁମ୍ଫା ଶିଳାଲେଖ ପ୍ରକାଶ କରେ ସେ ସମୟର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅବସ୍ଥା । କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ଉପରେ ପ୍ରତିଷ୍ଠିତ ମଗଧ ବିଜୟକୁ ସ୍ମରଣୀୟ କରି ରଖିବା ପାଇଁ ଶିଳାଲେଖ ସାହିତ୍ୟର ସୃଷ୍ଟି ହୋଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟ କଳା, ସଂସ୍କୃତି ,ସାହିତ୍ୟ ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ମଧ୍ୟ ବେଶ ସମୃଦ୍ଧଶାଳୀ । ବିସ୍ତିର୍ଣ୍ଣ ଭାରତ ଭୂଖଣ୍ଡରେ ଓଡ଼ିଶା ଏକ ପ୍ରାଚୀନ ଏବଂ ସଂସ୍କୃତି ସମ୍ପନ୍ନ ରାଜ୍ୟ। ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶାରାଜ୍ୟ ସମଗ୍ର ଭାରତ ବର୍ଷରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ମାନ୍ୟତା ଲାଭ କରିଥିଲା । ଆଧୁନିକ ଓଡ଼ିଶାର ଲୋକମାନେ ଓଡ଼ିଆ ଜାତିର ପ୍ରିୟ ଖାଦ୍ୟ ଶାଗ ପଖାଳ ଏବଂ ନାନାପ୍ରକାର ପିଠାପଣା ପରିବର୍ତ୍ତେ ବର୍ତ୍ତମାନ ପିଜା, ବର୍ଗର ଭଳି ବିଦେଶୀ ଖାଦ୍ୟ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଯାହାଦ୍ୱାରା ବର୍ତ୍ତମାନର ଯୁବପିଢ଼ୀ ରୋଗାଗ୍ରସ୍ତ ହୋଇ ପଡୁଛନ୍ତି । ଗୋଟିଏ ଜାତି ନିଜର ଅସ୍ତିତ୍ୱ, ଐତିହ୍ୟ ଓ ପରମ୍ପରା ତଥା ସଂସ୍କୃତିକୁ ହରାଇ କଦାଚିତ୍ ଉନ୍ନତିର ସ୍ୱାଦ ଚାଖି ପାରିବ ନାହିଁ । ଅତୀତର ଖାଦ୍ୟପେୟ, ପର୍ବପର୍ବାଣି, ଲୋକକଳା, ଲୋକନୃତ୍ୟ, ମଠ, ମନ୍ଦିର, ଗୁମ୍ଫା, ଝୋଟିଚିତା ଇତ୍ୟାଦି ହେଉଛି ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ତଥା ସ୍ୱାଭିମାନର ପ୍ରତୀକ । ସେହିପରି କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଜାତୀୟ ଦେବତା ।

ଏକ ବିକଶିତ ଓଡ଼ିଶା ଗଠନରେ ଓଡ଼ିଆ ଅସ୍ମିତା ଏକ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯଥା–

୧. ଉତ୍କଳର ସମୃଦ୍ଧ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବାପାଇଁ ଓଡ଼ିଆ କଳା, ସାହିତ୍ୟ ଏବଂ ସଂସ୍କୃତିକୁ ପୁନର୍ଜୀବିତ କରିବା ।

୨. ଭୌଗୋଳିକ ଦୃଷ୍ଟିକୋଣରୁ ସୀମା ସରହଦ୍ ଅତିକ୍ରମକରି ସାରା ବିଶ୍ୱରେ ଅବସ୍ଥାପିତ ସମସ୍ତ ଓଡ଼ିଆ ମାନଙ୍କୁ ଏକତ୍ରୀତ କରିବା ।

୩. ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ, କୁଟିର ଶିଳ୍ପ, ସଙ୍ଗୀତ, ଲୋକନାଟ୍ୟ, କଳା ଓ କୌଶଳକୁ ସୁରକ୍ଷା ଦେବା ସହିତ ଏହାକୁ ପ୍ରୋତ୍ସାହିତ କରିବା।

୪. ଶିକ୍ଷା ଓ ଦକ୍ଷତା ବିକାଶ ଦିଗରେ ପ୍ରୋତ୍ସାହନର ପ୍ରଚୁର ବ୍ୟବସ୍ଥା କରିବା ।

୫. ସ୍କୁଲ କଲେଜ ମାନଙ୍କରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିୟୋଜନ କରିବା ଏବଂ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ।

୬. ସାଢେ ଚାରିକୋଟି ଓଡ଼ିଆଙ୍କ ମାତୃଭାଷା ବୋଲାଉଥିବା ଓଡ଼ିଆ ଭାଷାକୁ ନିଯୁକ୍ତି /ରୋଜଗାରର ମାଧ୍ୟମ କରିବା ।

୭. ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଓଡ଼ିଆ ଭାଷାରେ କରିବା ଇତ୍ୟାଦି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଆମ ଓଡ଼ିଶା ଶିକ୍ଷା, ସୂଚନା , ପ୍ରଯୁକ୍ତିବିଦ୍ୟା ଓ କୃଷିକ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛି ସତ, ମାତ୍ର ନିଜର ସ୍ୱାଭିମାନ ଓ ଅସ୍ତିତ୍ୱକୁ ପଛରେ ପକାଇ ଏଭଳି ବିକାଶର କୌଣସି ଅର୍ଥ ନଥାଇପାରେ । ପ୍ରାଥମିକତା ଭିତ୍ତିରେ ଆମେ ଆମର ସ୍ୱାଭିମାନକୁ ଏବଂ ଓଡ଼ିଆ ଅସ୍ମିତାକୁ ଯଥୋଚିତ ସମ୍ମାନଦେବା ଆବଶ୍ୟକ । ତେବେ ହୁଏତ ବିକଶିତ ଓଡ଼ିଶା ଗଠନରେ ଏହା ସହାୟକ ହୋଇପାରିବ ।

# ପରମାତ୍ମାଙ୍କ ସାନିଧ୍ୟ ପାଇବା କେମିତି !

**ପଙ୍କଜ କୁମାର ପାଣିଗ୍ରାହୀ**
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

ପ୍ରାୟତଃ ସବୁ ମଣିଷ ଆଜି ଭଗବାନଙ୍କ ସାନିଧ ପାଇବା ପାଇଁ ଅକଳନ ଉପାୟ ଚରିତାର୍ଥ କରୁଥିଲେ ମଧ୍ୟ କେହି ଭଗବାନଙ୍କ ସାନିଧ ପାଉନାହାନ୍ତି। କାହିଁକିର ଉତ୍ତର ଜାଣନ୍ତି ନାହିଁ ନିର୍ବୋଧ । ଆମରଣ ଚେଷ୍ଟା ଜାରି ରଖି ଆସୁଥିବା ସାଧାରଣ ନିର୍ବୋଧଙ୍କ ଜୀବନ କାଳ ମଧ୍ୟରେ ନ ପାଇଲେ ମଧ୍ୟ ଜୀବନ ଅନ୍ତେ ତାଙ୍କରି ଚରଣାରବିନ୍ଦେ ବିଲୀନ ହୋଇଯିବା ଲକ୍ଷ୍ୟ ରଖିଥିବା ମଣିଷଙ୍କ ସଂଖ୍ୟା ମଧ୍ୟ କିଛି କମ୍ ଦେଖିବାକୁ ମିଳନ୍ତି ନାହିଁ ଆମ ସମାଜରେ। ତଥାପି କେହି ହେଲେ ସେହି ସତ୍ୟ, ଶିବ, ସୁନ୍ଦର ରୂପି ନିରାକାରଙ୍କର ଲବ୍ଧ ପ୍ରତିକ୍ରିୟାରେ ଅଂଶୀଦାର ହେଉନଥିବା କାରଣ ହେଉଛି ଯେ ସେ କେବେ ଅସତ୍ୟ, ଅଶିବ, ଅସୁନ୍ଦର ଚରିତ୍ର ଗୁଡିକୁ ନିଜର କରିପାରିବେ ନାହିଁ । ତେଣୁ ସତ୍ୟ, ଶିବ, ସୁନ୍ଦର ରୂପି ପରମାତ୍ମାଙ୍କ ସହିତ ନିଜର ଆତ୍ମାକୁ ବିଲୀନ କରିବାକୁ ହେଲେ ନିଜକୁ ମଧ୍ୟ ସେହି ଭଳି ସତ୍ୟ, ଶିବ, ସୁନ୍ଦର କରିବାକୁ ହେବ । ଜଳରେ ଜଳ ମିଶି ପାରେ ଏବଂ ତେଲରେ ତେଲ ମିଶି ପାରେ, କିନ୍ତୁ ଜଳରେ ତେଲ ମିଶିବା ସମ୍ଭବ ନୁହେଁ! ଠିକ ସେହିଭଳି ସେହି ସତ୍ୟ, ଶିବ, ସୁନ୍ଦର ଭଗବାନଙ୍କ ସହିତ ମିଶିବାକୁ ହେଲେ ଆମକୁ ମଧ୍ୟ ଅନୁରୂପ ଗୁଣ, ଧର୍ମ, ଚରିତ୍ର ପ୍ରବାହ କରିବାକୁ ହେବ ଯାହାର ମାର୍ଗ ଦିଶୁନାହିଁ କାହାକୁ ।

କଥାରେ କହନ୍ତି ଜର ବାଉଳାରେ ତାଟିଆ କାମୁଡ଼ିଲା ଭଳି ନିର୍ବୋଧ କେତେବେଳେ କେଉଁ ବାବା/ଗୁରୁଙ୍କ ସହିତ ନିମଗ୍ନ ଦେଖିବାକୁ ମିଳୁଛନ୍ତି ତ କେତେବେଳେ କେଉଁ ଏକ ଭିନ୍ନ ଧର୍ମ ପ୍ରତି ଅନୁରାଗ ତ ଆଉ କେତେବେଳେ କେଉଁ ଧର୍ମଗ୍ରନ୍ଥ ସହିତ ଜଡିତ ରହି କିଛି ଉପାୟ ଖୋଜି ବୁଲୁଥିବା ମଣିଷଙ୍କ ଶେଷ ଜୀବନରେ କୌଣସି ପ୍ରାପ୍ତି ନହୋଇ କେବଳ ସମୟ ସାପେକ୍ଷ ଅସନ୍ତୁଷ୍ଟି ଅନୁଭବ କରୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ। ବାସ୍ତବତାର ରୂପରେଖ ଭିନ୍ନ ଏକ ଦିଗରେ ପରିଚାଳିତ ଯାହା ଭୁପୃଷ୍ଠରେ ଆଜି ଅତ୍ୟନ୍ତ ବିରଳ । ସେହି ବିରଳ ମହିମାକୁ ଖୋଜି ବାହାର କରିବା ମଧ୍ୟ ବିରଳରୁ ବିରଳ ହୋଇ ପଡିଛି ଆଜି ସମୟରେ ।

କେତେ ଧର୍ମ ଗୁରୁ ନିଜକୁ ଭଗବାନଙ୍କ ପ୍ରେରିତ ଦୂତ ବୋଲି କହିଥାନ୍ତି ତ ଆଉ କିଏ କହନ୍ତି ଯେ କେବଳ ଗୁରୁଙ୍କ ମାଧ୍ୟମରେ ଭଗବାନଙ୍କୁ ପାଇବା ସମ୍ଭବ। ଅନ୍ୟଥା ଭଗବାନଙ୍କୁ ପାଇବା ଅସମ୍ଭବ। କିନ୍ତୁ ସେଗୁଡିକ ସେମାନଙ୍କ ବ୍ୟାପାରୀ ମନ୍ତବ୍ୟ ଯଦ୍ୱାରା ଅସଂଖ୍ୟ ଶିଷ୍ୟ ଏବଂ ସେମାନଙ୍କ ଅନୁଦାନରେ ଆପ୍ୟାୟିତ ଅଜସ୍ର ସମ୍ପତ୍ତିର ମାଲିକ ହୋଇ ଆଡ଼ମ୍ବରପୂର୍ଣ୍ଣ ବିଳାସ ବ୍ୟସନରେ ଜୀବନ କାଟିଥାନ୍ତି ସେମାନେ ଯେଉଁମାନେ ଏହିଭଳି ମନ୍ତବ୍ୟ ଦେଇ ଗୋଟିଏ ଗୋଟିଏ ବ୍ୟାପାରୀ ସଂସ୍ଥା ଖୋଲି ବସିଛନ୍ତି। ବାସ୍ତବରେ ପ୍ରତ୍ୟେକ ମଣିଷ କେବଳ ନିଜ ଚେଷ୍ଟାରେ ହିଁ ଭଗବାନଙ୍କ ସାନିଧ ପାଇପାରିବେ ଯାହା ଆଉ କାହା ମାଧ୍ୟମରେ ହେବା ସମ୍ପୂର୍ଣ୍ଣ ଅସମ୍ଭବ ! ହେଲେ କଥା ହେଲା ଜଣେ ମଣିଷ ନିଜେ କେମିତି ପରମାତ୍ମାଙ୍କ ସାନିଧ ପାଇବ ?

ବାସ୍ତବ ସତ୍ୟର ଅନୁସନ୍ଧାନ କରି ନିଜକୁ ସତ୍ୟବାଦୀ, ସତ୍ୟାଚାରୀ କରିବା ଶିକ୍ଷା ମଣିଷକୁ ସେହି ସତ୍ୟ ନିରାକାରଙ୍କ ପାଖରେ ପହଞ୍ଚାଇ ପାରିବ । ବିଭିନ୍ନ ଆଳରେ ଗୁରୁ ପ୍ରବଚନ ଶୁଣି କିମ୍ବା ଧର୍ମ ପୁସ୍ତକ ପାଠ କରିବା ଦ୍ୱାରା କେବଳ ମନରେ ତୃପ୍ତି ଅନୁଭବ କରିବା ସମ୍ଭବ ହୋଇପାରେ କିନ୍ତୁ ପରମାତ୍ମାଙ୍କୁ ପାଇବା ଅତ୍ୟନ୍ତ ଅସମ୍ଭବ ଯାହା ତଥାକଥିତ ଧର୍ମ ଗୁରୁମାନେ ପ୍ରବର୍ତ୍ତାଇ ଥାନ୍ତି ନିର୍ବୋଧଙ୍କୁ କେବଳ ନିଜସ୍ୱ ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟ ରଖି । ସେମାନଙ୍କ ଷଡ଼ଯାନ୍ତ୍ରୀକ ପ୍ରବଚନ ଏବଂ ଶାସ୍ତ୍ରୀୟ ଜ୍ଞାନ ଗୁଡିକ ମଧ୍ୟରେ ୯୦ ଉତ୍ତମ ଗୁଣ, ଧର୍ମଧାରୀ ବକ୍ତବ୍ୟ ରହିଥିବା କାରଣରୁ ନିର୍ବୋଧ ଅକୁଣ୍ଠ ଚିତ୍ତରେ ସେମାନଙ୍କ ପ୍ରତି ରଖିଥିବା ଆନ୍ତରିକ ମାନ୍ୟତା ସହିତ ୧୦ ଅହିତକର ଷଡ଼ଯନ୍ତ୍ର ଗୁଡିକୁ ବୁଝିବାରେ ଅକ୍ଷମ ରହି ନିଜ ଜୀବନକୁ ଜଳାଳି ଦେଇଥାନ୍ତି ସେହି ବ୍ୟାପାରୀ ଚତୁରଙ୍କ ନିକଟରେ। ଅତଏବ ଏକ ବିଶାଳ ଧାର୍ମିକ ବ୍ୟାପାରୀ ସଂସ୍ଥାର ଆବିର୍ଭାବ ପୂର୍ବକ ପିଢ଼ିକୁ ପିଢ଼ି ଉପଭୋଗ କରି ଆସୁଛନ୍ତି ଏମିତି ଅନେକ ଧାର୍ମିକ ସଂସ୍ଥାନ ଯାହା କେବଳ ଭାରତ କିମ୍ବା ହିନ୍ଦୁ ଧର୍ମ ମଧ୍ୟରେ ସୀମିତ ନରହି ବରଂ ଅନ୍ୟାନ୍ୟ ଧର୍ମ ଏବଂ ମୁଲକ ଗୁଡିକରେ ମଧ୍ୟ ଅନୁରୂପ ଚରିତ୍ର, ଚେହେରା ଗୁଡିଏ ଦେଖିବାକୁ ମିଳନ୍ତି ବିଶ୍ୱବ୍ୟାପୀ !

ବର୍ତ୍ତମାନ ସାଧାରଣ ମଣିଷ ବୁଝିବାକୁ ହେବ ଯେ ମୁଁ ଯେତେବେଳେ ଜନ୍ମ ହୋଇଥିଲି ମୋ ସାଥିରେ କେହି ନଥିଲେ କିମ୍ବା ଯେତେବେଳେ ଦେହ ତ୍ୟାଗ କରିବି ସେତେବେଳେ ମଧ୍ୟ କେହି ହେଲେ ମୋ ସାଥିରେ ନଥିବେ । ଅର୍ଥାତ ଭଗବାନ ମୋତେ ଏକାକୀ କରି ପଠାଇଛନ୍ତି ଏବଂ ଏକାକୀ ପ୍ରତ୍ୟାବର୍ତ୍ତନ କରିବା ନିର୍ଦ୍ଦେଶ ରହିଛି। ଜୀବନ ଯାତ୍ରା ମଧ୍ୟରେ ଯାହା କରିବି ତାହା ମଧ୍ୟ ଏକାକୀ କରି ଦେଖାଇବାକୁ ହେବ ଯଦ୍ୱାରା ସେ ମୋ ଉପରେ ଖୁସି ହୋଇ ବିଚାର କରିବେ ମୋର ସ୍ଥାନ କେଉଁଠାରେ । ଇତି ମଧ୍ୟରେ ମୋତେ କେବଳ ସତ୍ୟ ପଥରେ ଚାଲିବାକୁ ହେବ ଯାହା ତାଙ୍କର ପ୍ରକୃତ ଚେତନା । କାହାର ଲାଞ୍ଜ ଧରି ପାର ହୋଇଯିବି ବୋଲି ଭାବି ଗୁରୁଟିଏ କରି ଭଗବାନଙ୍କ ପାଖରେ ପହଞ୍ଚିବା ଭଳି କୌଣସି ପ୍ରାବଧାନ ରଖିନଥାନ୍ତି ପରମାତ୍ମା । ସେମିତି କେବଳ ମଣିଷ ସମାଜର ଭ୍ରଷ୍ଟାଚାରୀଙ୍କ ମଧ୍ୟରେ ସମ୍ଭବ ହୋଇଥାଏ ଭୁପୃଷ୍ଠରେ ଯାହା ଲାଞ୍ଚ ମାଧ୍ୟମରେ ସମ୍ଭବ ହୋଇଥାଏ । ଭଗବାନଙ୍କ ଦ୍ୱାରରେ କିନ୍ତୁ କୌଣସି ଲାଞ୍ଚ କାରବାର ନଥାଏ । ସାଧାରଣ ମଣିଷ ସମାଜରେ ପ୍ରଚଳିତ ଲାଞ୍ଚ ବ୍ୟବସ୍ଥା ସହିତ ଓତପ୍ରୋତଃ ଭାବେ ଜଡିତ ହୋଇ ଭଗବାନଙ୍କୁ ମଧ୍ୟ ଲାଞ୍ଚର ପ୍ରତିମୂର୍ତ୍ତି ଭଳି ବିଚାରି ଧର୍ମ ଗୁରୁଙ୍କ ମାଧ୍ୟମରେ ଦାନ ଧର୍ମ କରି ତାଙ୍କରି ସାନିଧ ଲାଭ କରିବା ଲକ୍ଷ୍ୟ ରଖିଥିବା ଏକ ହାସ୍ୟାସ୍ପଦ ବିଷୟ ମାତ୍ର।

ନିରାକାର ପରମାତ୍ମାଙ୍କ ସହିତ ମଣିଷ ଆତ୍ମାର ମିଳନ ସମ୍ଭବ ସେତେବେଳେ ମାତ୍ର, ଯେତେବେଳେ ମଣିଷ ସତ୍ୟକୁ ବୁଝିବ। ସତ୍ୟକୁ ବୁଝିବା ଏତେ ସହଜ ହୋଇଥିଲେ ସମସ୍ତେ ସେହି ରାସ୍ତାରେ ଅତ୍ୟନ୍ତ ସହଜରେ ପାର ହୋଇ ଯାଇଥାନ୍ତେ । ସତ୍ୟକୁ ବୁଝିବାକୁ ହେଲେ ବିଭିନ୍ନ ପ୍ରାକୃତିକ ଉପାୟ ଅବଲମ୍ବନ କରିବାକୁ ହେବ ଯାହା ସବୁ ସେହି ତଥା କଥିତ ଧର୍ମ ଗୁରୁମାନେ ଜାଣିବା ଅତ୍ୟନ୍ତ ଦୁଃସାଧ ବ୍ୟାପାର । କେବଳ ପ୍ରାଚୀନ ସମୟର କେତେକ ଧର୍ମ ଗ୍ରନ୍ଥ ଗୁଡିକୁ ଅଭ୍ୟାସ କରି ନିର୍ବୋଧଙ୍କ ସମ୍ମୁଖରେ ପ୍ରବଚନ ବାଢି ଯେ ଲୋକଙ୍କୁ ସ୍ୱର୍ଗର ରାସ୍ତା ଦେଖାଇବା ପ୍ରୟାସ ଏକ ଚତୁର ବ୍ୟାପାର ଛଡା ଆଉ କିଛି ନୁହେଁ । ପରମାତ୍ମା ଯେତେବେଳେ ମଣିଷକୁ ଜନ୍ମ ଦେଇଥାନ୍ତି ସେତିକି ବେଳେ ଜଣେ ମଣିଷକୁ ସବୁକିଛି ଦେଇ ଛାଡ଼ିଥାନ୍ତି ଯାହା ତଥା କଥିତ ଧର୍ମ ଗୁରୁଙ୍କ ଠାରୁ ଶିକ୍ଷା ମିଳିଥାଏ ସାଧାରଣ ମଣିଷଙ୍କୁ । ହେଲେ ବର୍ତ୍ତମାନ ଆମକୁ ବୁଝିବାକୁ ହେବ ଯେ ସେହି ଗୁରୁ କେମିତି ଏତେ କଥା ଜାଣନ୍ତି ଯାହା ମୋ ଭଳି ଜଣେ ସାଧାରଣ ମଣିଷ ଜାଣିନାହିଁ, ଏବଂ ଗୁରୁଙ୍କ ଠାରୁ ଶିଖି ମୋତେ ସେହି ରାସ୍ତାରେ ଯିବାକୁ ହେବ ବୋଲି ବିଚାର ଏକ ନିର୍ବୋଧତା ଜନିତ ମାତ୍ର। କାରଣ ଗୁରୁତୁଲ୍ୟ ମଣିଷଙ୍କ ପାଖରେ ଯାହା ସବୁ ଥାଏ ଜଣେ ସାଧାରଣ ମଣିଷ ପାଖରେ ମଧ୍ୟ ସେହି ସବୁ ଗୁଣ, ଧର୍ମ ଗୁଡିକ ଉପଲବ୍ଧ ଯାହା ସେହି ପରମାତ୍ମା ଭଗବାନଙ୍କ ଦେୟ ହୋଇଥାଏ। ହେଲେ ସାଧାରଣ ମଣିଷ ଗୁରୁଙ୍କ ସାନିଧ ଲୋଡ଼େ କାହିଁକି ଦେଖିବା ! (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ରାୟଗଡ଼ା ଜିଲ୍ଲା ଉପକଣ୍ଠ ସାଇ ଲକ୍ଷ୍ମୀନଗର ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାୟଗଡା ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ହାଲୁଆ ପଞ୍ଚାୟତର ବାରିଝୋଲା ଅଞ୍ଚଳରେ ଥିବା ସାଇ ଲକ୍ଷ୍ମୀ ନଗରଟି ହାଲୁଆ ପଞ୍ଚାୟତରେ ଅଛି ସତ କିନ୍ତୁ ରାୟଗଡା ମ୍ୟୁନିସିପାଲିଟିର ସୀମାରେ ରହିଛି ଏହି ଅଞ୍ଚଳବାସୀ। ନୂତନ ଭାବେ ଗଢିଉଠିଥିବା ବେଳେ ଏହି ଅଞ୍ଚଳଟି ନା ପଞ୍ଚାୟତ ନା ମ୍ୟୁନିସିପାଲିଟି ନଜରକୁ ଆସୁଛି କାରଣ ପଞ୍ଚାୟତ କହୁଛି ଅଞ୍ଚଳ ମୋର କିନ୍ତୁ ଭୋଟର ମୋର ନାହାନ୍ତି ବୋଲି କହୁଥିବା ବେଳେ ଏହି ଅଞ୍ଚଳ ବାସିନ୍ଦା ମାନଙ୍କର ଭୋଟର କାର୍ଡ ମ୍ୟୁନିସିପାଲିଟିରେ ରହିଛି। କାରଣ ଏହି ଅଞ୍ଚଳବାସୀ ପ୍ରାୟ ମ୍ୟୁନିସିପାଲିଟିର ବାସିନ୍ଦାମାନେ ଆସି ନୂତନ ଘର କରି ରହିଛନ୍ତି। ଏଣୁ ଏହି ଅଞ୍ଚଳବାସୀ ପ୍ରଶାସନକୁ କେତେ ଗୁହାରି କଲେ ମଧ୍ୟ ନା ପଞ୍ଚାୟତ ନା ମ୍ୟୁନିସିପାଲିଟି ବିଭାଗ ଦୃଷ୍ଟି ଦେଉନଥିବାରୁ ଏହି ଅଞ୍ଚଳର ବାସିନ୍ଦାମାନେ କୌଣସି ମୌଳିକ ସୁବିଧା ଯଥା ପକ୍କା ରାସ୍ତା, ପାନୀୟ ଜଳ ଓ ଷ୍ଟ୍ରିଟ୍ ଲାଇଟ୍ ପାଇପାରୁନାହାନ୍ତି । ଫଳରେ ଏହି ଅଞ୍ଚଳରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ, ଚୋରି, ରାହାଜାନି ଭଳି ବିଭିନ୍ନ ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ଏହି ଅସୁବିଧା ସମ୍ମୁଖୀନ ହେଉଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ମିଳି ମିଶି ଏକା ସାଇ ଲକ୍ଷ୍ମୀ ନଗର ଏକତା ମଞ୍ଚ ଗଠନ କରି ନିଜ ନିଜର ପରିଶ୍ରମିକ ପ୍ରଦାନ କରି କିଛି କିଛି ରାସ୍ତା ମରାମତି ଓ ଆଲୁଅ ବ୍ୟବସ୍ଥା କରିଥିଲେ। ଏହି ଅଞ୍ଚଳବାସୀ ସ୍ଥାନୀୟ ସରପଞ୍ଚ, ବିଡ଼ିଓ ଓ ବିଧାୟକଙ୍କୁ ଆମନ୍ତ୍ରଣ କରି ଅଞ୍ଚଳ ପରିଦର୍ଶନ କରାଇଥିଲେ। ସରପଞ୍ଚ ଏହି ଅଞ୍ଚଳ ସମସ୍ୟାକୁ ଦୃଷ୍ଟି ଗୋଚର କରିବା ସହ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ରାସ୍ତାର ଆଲୁଅ ପାଇଁ ୧୨ ଗୋଟି ସୌର ଚାଳିତ ବିଦ୍ୟୁତ ଲଗାଇଲେ ଏବଂ ମୁଖ୍ୟ ରାସ୍ତାଟିକୁ ପକ୍କା ରାସ୍ତା କରିବା ନିମନ୍ତେ ପ୍ରତିଶୃତି ଦେଇଛନ୍ତି। ସେହିପରି ଆମର ଅଞ୍ଚଳର ଅତିପ୍ରିୟ ବିଧାୟକ ଆପଲ୍ଲା ସ୍ୱାମୀ କାଡ୍ରକା ସେ ଜିଲ୍ଲାବାସୀ ସହରବାସୀଙ୍କ ସୁଖ ଓ ଦୁଃଖର ବନ୍ଧୁ, ସେ ମହାଶୟ ପରିଦର୍ଶନ ସମୟରେ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦେଖିବା ଓ ସେମାନଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ କିଛି ମାତ୍ରାରେ ଦୂର କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ନିଜ ବିଧାୟକ ପାଣ୍ଠିରୁ ୧୦ ଗୋଟି ସୌରଚାଳିତ ବିଦ୍ୟୁତ୍ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏବଂ ରାସ୍ତା ନିମନ୍ତେ ରାୟଗଡା ସଦର ବିଡ଼ିଓ ଶ୍ରୀ ମିଶ୍ର ସାର୍‌ଙ୍କୁ ମଧ୍ୟ ସାଥି ନେଇ ଅଞ୍ଚଳ କିପରି ଉନ୍ନତି ହୋଇପାରିବ ଚେଷ୍ଟା କରିବାକୁ କହିଥିଲେ। ସଦର ବିଡ଼ିଓ ଏହି ଅଞ୍ଚଳ ପାଇଁ ବିଶେଷ ଧ୍ୟାନ ଦେବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶୃତି ଦେଇଥିଲେ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରଶାସନ ସହ ଆଲୋଚନା କରି କିପରି ପାନୀୟ ଜଳ ଏହି ଅଞ୍ଚଳବାସୀ ଯଥାଶୀଘ୍ର ପାଇପାରିବେ ସେଥିପାଇଁ ପ୍ରୟାସ କରାଯିବ ବୋଲି ଆମ ଅଞ୍ଚଳର ସରପଞ୍ଚ ତାମିଆ ବାବୁ, ବିଡିଓ ସାର୍ ଓ ଆମ ପ୍ରିୟ ବିଧାୟକ ପ୍ରତିଶୃତି ଦେଇଛନ୍ତି ।

# ଗୋପାଳପୁରରେ ସ୍ଥାପନ ହେବ ଏଲ୍ଏନ୍‌ଜି ଟର୍ମିନାଲ୍ ପ୍ରକଳ୍ପ

## ଖର୍ଚ୍ଚ ହେବ ୬୩୪୫ କୋଟି, ୩ ବର୍ଷରେ ସରିବ ନିର୍ମାଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ରାଷ୍ଟ୍ରାୟତ କମ୍ପାନୀ ପେଟ୍ରୋନେଟ୍ ଏଲ୍ଏନ୍‌ଜି ପକ୍ଷରୁ ଗଞ୍ଜାମ ଜିଲ୍ଲା ଗୋପାଳପୁରରେ ସ୍ଥାପନ କରାଯିବାକୁ ଥିବା ଏଲ୍ଏନ୍‌ଜି ଟର୍ମିନାଲ୍ ପ୍ରକଳ୍ପକୁ କମ୍ପାନୀ ବୋର୍ଡ଼ ଅନୁମୋଦନ କରିଛନ୍ତି । କମ୍ପାନୀ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗୋପାଳପୁର ଏଲ୍ଏନ୍‌ଜି ଟର୍ମିନାଲ୍ ପ୍ରକଳ୍ପରେ ୬.୩୪୫.୮୦ କୋଟି ଟଙ୍କା ନିବେଶ ହେବ । ପୂର୍ବ ଭାରତରେ ଏହା କମ୍ପାନୀର ପ୍ରଥମ ନୂଆ ଏଲ୍ଏନ୍‌ଜି ଟର୍ମିନାଲ୍ । ଏହି ପ୍ରକଳ୍ପ କାର୍ଯ୍ୟ ତିନି ବର୍ଷରେ ଶେଷ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଗୋପାଳପୁରେ କମ୍ପାନୀ ୪ ଏମ୍ଏମ୍‌ଟିପିଏ କ୍ଷମତାର ଏକ ଭାସମାନ ସଂରକ୍ଷଣ ଓ ରିଗ୍ୟାସିଫିକେସନ୍ ୟୁନିଟ୍ ବସାଇବାକୁ ଚାହୁଁଥିଲା । ସେଥିପାଇଁ ବୋର୍ଡ଼ର ଅନୁମୋଦନ ମଧ୍ୟ ମିଳିଥିଲା । କିନ୍ତୁ ତାହା ସମ୍ଭବ ହେଉନଥିବାରୁ କମ୍ପାନୀ ୫ ଏମ୍ଏସ୍‌ଟିପିଏର ଜମି ଭିତିକ ଏଲ୍ଏନ୍‌ଜି ଟର୍ମିନାଲ୍ କରିବାକୁ ଚାହୁଁଛି । ପରିବର୍ତ୍ତିତ ପ୍ରକଳ୍ପ ଲାଗି ନିବେଶ ରାଶିକୁ କମ୍ପାନୀ ଉଭୟ ଋଣ ଓ ଇକ୍ୱିଟି ଜରିଆରେ ସଂଗ୍ରହ କରିବ । ଚଳିତ ବର୍ଷ ଏପ୍ରିଲ୍‌ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ପେଟ୍ରୋନେଟ୍ ଏଲ୍ଏନ୍‌ଜି ପକ୍ଷରୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା । ପେଟ୍ରୋନେଟ୍ ଏଲ୍ଏନ୍‌ଜିର ଏମ୍‌ଡ଼ି ଓ ସିଇଓ ଅକ୍ଷୟ କୁମାର ସିଂହ ଓ ଇପିକଲ୍ ଓ ଇଡ୍‌କୋ ଏମ୍‌ଡ଼ି ଭୂପେନ୍ଦ୍ର ସିଂହ ପୁନିଆ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଦୀର୍ଘଦିନରୁ ପେଟ୍ରୋନେଟ୍ ଏଲ୍ଏନ୍‌ଜି ଓଡ଼ିଶାରେ ଏକ ଏଲ୍ଏନ୍‌ଜି ଟର୍ମିନାଲ୍ ନିର୍ମାଣ କରିବାକୁ ଉଦ୍ୟମ କରୁଛି । ଦଶନ୍ଧି ପୂର୍ବେ ଏହା ପାରାଦୀପ, ଗୋପାଳପୁର ଓ ଧାମରା ମଧ୍ୟରୁ ଯେକୌଣସି ଗୋଟିଏ ସ୍ଥାନ ଚୟନ କରିବାକୁ ଚାହୁଁଥିଲା । ଏହା ତିନି ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମଧ୍ୟ କରିଥିଲା । ଶେଷରେ ଗୋପାଳପୁରକୁ କମ୍ପାନୀ ନିଜର ପ୍ରକଳ୍ପ ସ୍ଥାନ ଭାବେ ଚୟନ କରିଥିଲା । ଦେଶର ଏଲ୍ଏନ୍‌ଜି ଆମଦାନି ଆବଶ୍ୟକତା ପୂରଣ କରିବା ଲାଗି ଚାରିଟି ତୈଳ କମ୍ପାନୀ ଓଏନ୍‌ଜିସି, ଆଇଓସିଏଲ୍, ଗେଲ୍ ଓ ବିପିସିଏଲ୍‌ର ମିଳିତ ସହଯୋଗରେ ୧୯୯୮ରେ ପେଟ୍ରୋନେଟ୍ ଏଲ୍ଏନ୍‌ଜି ସ୍ଥାପନ କରାଯାଇଥିଲା । ଏହାର ଦୁଇଟି ଏଲ୍ଏନ୍‌ଜି ଟର୍ମିନାଲ୍ ଦେଶର ପଶ୍ଚିମ ଭାଗରେ ଗୁଜରାଟର ଦହେଜ ଏବଂ ଦକ୍ଷିଣ ଭାଗରେ କେରଳର କୋଚିରେ ରହିଛି । ଗୋପାଳପୁର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ କମ୍ପାନୀ ପୂର୍ବ ଭାରତରେ ଏହାର ଉପସ୍ଥିତି ଜାହିର କରିପାରିବ ।

# ପୋଲିସକୁ ଖୁଲମଖୁଲା ଚ୍ୟାଲେଞ୍ଜ ଦେଉଛନ୍ତି ଚୋର:ଚୋରି ସମୟର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରରେ ଚୋରି ଓ ଛିନ୍‌ତାଇ ଏକ ନିୟମିତ ଘଟଣା ସାଜିଛି । ଯାହା ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ଚୋର ଗ୍ୟାଙ୍ଗ ପୋଲିସ ପ୍ରଶାସନକୁ ଖୁଲମ୍ ଖୁଲା ଚ୍ୟାଲେଞ୍ଜ ଦେଉଛନ୍ତି । ତେବେ ବୁଧବାର ବିଳମ୍ବିତ ରାତିରେ ଚୋର ପକ୍ଷରୁ ବାରିପଦା ସଦର ପୋଲିସ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଚୋରି ଉଦ୍ୟମ ହୋଇଥିଲା। ଯାହାକି ସିସି ଟିଭି କ୍ୟାମେରାରେ କଏଦ ହୋଇଛି। ଚୋରି ସମୟର ସିସି ଟିଭିରେ କଏଦ ଉକ୍ତ ଭିଡ଼ିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ରାତି ପ୍ରାୟ ୨ଟା ସମୟରେ ଚୋର ଜଣକ ସେଠାରେ ଥିବା ଏକ ହୋଲ୍‌ସେଲର ଗୋଦାମ୍ ଓ ସଂଲଗ୍ନ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା। ତେବେ କୌଣସି ମତେ ଗୋଦାମ୍ ଗୃହର ସମ୍ମୁଖ ଫାଟକ ଖୋଲିପାରିନଥିଲା। ଯାହାଫଳରେ ଚୋରି ଉଦ୍ୟମ ବିଫଳ ହୋଇଥିଲା। ଏହାପରେ ସମ୍ମୁଖରେ ଥିବା ଏକ ମିନି ଟ୍ରକ୍‌ର କାଚକୁ ପଥରରେ ବାଡେଇ ଭାଙ୍ଗିଥିଲା। ମିନି ଟ୍ରକ୍‌କୁ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ସେଥିରେ ମଧ୍ୟ ବିଫଳ ହୋଇଥିଲା। କିନ୍ତୁ, ଟ୍ରକ୍ ମଧ୍ୟରୁ ଗାଡି ସରଞ୍ଜାମ ଆଦି ଚୋରି କରିଥିଲା। ଚୋରି କରିବା ସମୟରେ ଚୋରର ସିସି ଟିଭି ଉପରେ କିନ୍ତୁ ନଜର ପଡିନଥିଲା। ସେ ଚୋରି କରିବାର ସମସ୍ତ ଭିଡ଼ିଓ ସେଥିରେ କଏଦ ହୋଇଥିବା ବେଳେ ସକାଳୁ ଲୋକମାନେ ଜାଣିବାକୁ ପାଇଥିଲେ। ବିଳମ୍ବିତ ରାତିରେ କିଛି ଗାଡି ମୋଟର ଚଳାଚଳ କରୁଥିବା ବେଳେ ଏସ୍‌ଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଉପରେ ଜଣେ ଚୋରି ଉଦ୍ୟମ କରିଛି। ପୋଲିସ ପ୍ରଶାସନର ଢିଲା ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ଖୁଲମଖୁଲା ଭାବେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ସାଧାରଣରେ ମତ ପ୍ରକାଶ ପାଇଛି ।

# ବିଭିନ୍ନ ଦାବି ନେଇ ଅଗଷ୍ଟ ୧୧ରୁ ସମୂହ ଛୁଟିରେ ଯିବେ ରାଜସ୍ୱ ଅମଲା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ପଦବୀ ପୁନର୍ଗଠନ ଓ ରାଜସ୍ୱ ସହାୟକ ମାନଙ୍କ ମୂଳ ଦରମା ଲେଭେଲ୍-୯ (ଗ୍ରେଡ୍ ପେ-୪୨୦୦) ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖା ତରଫରୁ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲାର ସମସ୍ତ ବିଧାୟକ, ବଦ୍ରି ନାରାୟଣ ପାତ୍ର, ବିଧାୟକ, ଘଷିପୁରା, ଅଭିମନ୍ୟୁ ସେଠୀ, ବିଧାୟକ, ଆନନ୍ଦପୁର, ଅଖିଳ ଚନ୍ଦ୍ର ନାଏକ, ବିଧାୟକ, ପାଟଣା ଓ ଡା. ଫକିର ମୋହନ ନାଏକ, ବିଧାୟକ, ତେଲକୋଇ ମାନଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ପ୍ରକାଶଥାଉ କି ଦୀର୍ଘବର୍ଷ ହେଲା ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ତୃଣମୂଳ ସ୍ତରରୁ ରାଜ୍ୟ ସରକାରଙ୍କର ସମସ୍ତ ଜନହିତକର ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ନିଭାଇଥାନ୍ତି। ଏହାର ପ୍ରତିବଦଳରେ ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ କିଛି ସ୍ୱଳ୍ପ ବେତନକୁ ଛାଡ଼ି ଅନ୍ୟ କୌଣସି ସୁବିଧା ସୁଯୋଗ ଏ ପର୍ଯ୍ୟନ୍ତ ପାଇପାରିନାହାନ୍ତି । ସରକାରଙ୍କୁ ବିଭିନ୍ନ ପତ୍ର ମାଧ୍ୟମରେ ଏବଂ ବିଭିନ୍ନ ସମୟରେ ସରକାରଙ୍କ ସହିତ ଆଲୋଚନା କରିବା ସତ୍ତ୍ୱେ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ କୌଣସି ଦାବି ଆଜି ପର୍ଯ୍ୟନ୍ତ ପୂରଣ କରିବା ପାଇଁ ସରକାର ଇଚ୍ଛା ପ୍ରକାଶ କରୁଥିବା ପରିଲକ୍ଷିତ ହେଇପାରୁନାହିଁ । ବର୍ଷ ବର୍ଷ ଧରି ଅମଲା ମାନଙ୍କ ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ସରକାରୀ ସ୍ତରରେ ଅଣଦେଖା କରାଯାଇ ଆସୁଅଛି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ତୁଳନାରେ ଅନ୍ୟାନ୍ୟ କ୍ୟାଡରଭୁକ୍ତ କର୍ମଚାରୀମାନଙ୍କ ଏକାଧିକବାର ପଦବୀ ପୁର୍ନଗଠନ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି କିନ୍ତୁ, ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କର ପଦବୀ ପୁନର୍ଗଠନ ୧୯୮୪ ମସିହା ପରଠାରୁ କରାଯାଇନାହିଁ ଏବଂ ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ କୌଣସି ପ୍ରକାର ତତ୍ପରତା ମଧ୍ୟ ପ୍ରକାଶ ପାଇଥିବା ଭଳି ମନେହେଉନାହିଁ। ଏଠାରେ ପ୍ରକାଶଥାଉ କି, ରାଜ୍ୟ ସରକାରଙ୍କ ଏତାଦୃଶ ମନୋଭାବରେ ଅତିଷ୍ଠ ହୋଇ ଏବଂ ବାରମ୍ବାର ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବରେ ନିରାଶ ହୋଇ ଓଡ଼ିଶା ରାଜସ୍ୱ ଅମଲା ସଂଘର ପତ୍ରସଂଖ୍ୟା ୫୪ ତା୨୩-୦୬-୨୦୨୫ ରିଖରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ୧୦ ଦଫା ଦାବି ନେଇ ଏକ ଚରମ ପତ୍ର ପ୍ରଦାନ କରାଯାଇଥିଲା ଏବଂ ଏହା ସହିତ ଏହାର ଏକକିତା ଲେଖାଏଁ ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଓଡ଼ିଶା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା । ରାଜସ୍ୱ ବିଭାଗ ପତ୍ର ସଂଖ୍ୟା ୨୪୯୨୦, ତା୦୮-୦୭-୨୦୨୫ ରିଖ ମାଧ୍ୟମରେ ଉପରୋକ୍ତ ୧୦ ଦଫା ଦାବି ଉପରେ ସଂଘର କର୍ମକର୍ତ୍ତାମାନଙ୍କ ସହିତ ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କର ଉଚ୍ଚ ପଦାଧିକାରୀମାନଙ୍କର ଏକ ବୈଠକର ଆୟୋଜନ ତା୦୯-୦୭-୨୦୨୫ ରିଖ ଅପରାହ୍ନ ୫:୦୦ ଘଟିକା ସମୟରେ ହୋଇଥିଲା । ବୈଠକରେ ଅନ୍ୟାନ୍ୟ ସମସ୍ତ ଦାବିଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହେବା ସହିତ ରାଜସ୍ୱ ସେବା ପଦବୀର ସଂଶୋଧନ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ଏବଂ ସଂଘର ଦାବି ମୁତାବକ ଏହାକୁ ସଂଶୋଧନ କରାଯିବ ବୋଲି ରାଜସ୍ୱମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ବୈଠକର ବିବରଣୀରେ ଏ ବିଷୟରେ କୌଣସି କଥା ଉଲ୍ଲେଖ କରାଗଲା ନାହିଁ ବରଂ ରାଜସ୍ୱ ସେବା (ନିଯୁକ୍ତି) ନିୟମାବଳୀ ସଂଶୋଧନ ଆଳରେ ତା୧୬-୦୭-୨୦୨୫ ରିଖ ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା ୨୭୭୪୫, ତାରିଖ ୨୮-୦୭-୨୦୨୫ ପ୍ରକାରେ ଯେଉଁ ନିଷ୍ପତି ଗ୍ରହଣ କରାଗଲା ତାହା ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ସ୍ୱାଭିମାନକୁ କ୍ଷତ ବିକ୍ଷତ କଲାଭଳି ଅନୁଭବ ହେଲା । ତାଛଡା, ୨ ଦଫା ଦାବି ପୂରଣ କରିବାରେ ଅହେତୁକ ବିଳମ୍ବ ହେତୁ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଏହା ସଂଘର ଜ୍ଞାପକ ସଂଖ୍ୟା- ୬୦, ତାରିଖ ୨୩-୦୬-୨୦୨୫, ପତ୍ର ସଂଖ୍ୟା- ୫୪, ତାରିଖ ୨୩-୦୬-୨୦୨୫ ଏବଂ ପତ୍ର ସଂଖ୍ୟା ୮୨, ତାରିଖ ୧୭-୦୭-୨୦୨୫ ପ୍ରକାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରଯାଇଥିଲା । ଏହା ସତ୍ତ୍ୱେ ବି ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କ ଦାବି ଗୁଡିକ ପ୍ରତି ଗୁରୁତ୍ୱ ଦିଆଗଲାନାହିଁ । ଏହା ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବର ଏକ ଜ୍ୱଳନ୍ତ ନମୂନା ବୋଲି ପ୍ରମାଣିତ କରୁଛି ।



# ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ:ଆକାଂକ୍ଷା ହାଟ ଉଦ୍‌ଘାଟିତ

**ରାଉରକେଲା, ନ୍ୟୁଜ୍**

ସୁନ୍ଦରଗଡର ଶଙ୍କରା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଆକାଂକ୍ଷା ହାଟ ମଧ୍ୟ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାର ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ପୂଜାରୀ ସୁନ୍ଦରଗଡ଼ରେ ବିତାଇଥିବା ନିଜର ଛାତ୍ର ସମୟର ସ୍ମୃତିଚାରଣ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ନାରୀ ସଶକ୍ତିକରଣର ବଳିଷ୍ଠ ଝଲକ୍ ରହିଛି। ଏଠାକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜକୁ ପ୍ରତ୍ୟେକ କ୍ଷେତ୍ରରେ ସଫଳ ଭାବେ ପ୍ରତିପାଦିତ କରିପାରିଛନ୍ତି। ସେହିଭଳି ସମସ୍ତେ ଏକ ଟିମ୍ ଭାବେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିଭଳି ଜିଲ୍ଲାର ଉନ୍ନତି ଦିଗରେ ସମସ୍ତେ ଏକଜୁଟ୍ ହେବା ଏବଂ ଜିଲ୍ଲାକୁ ଉନ୍ନତି ପଥରେ ଆଗେଇ ନେବାକୁ ଅତିଥିମାନେ ନିଜ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଡିଏଫ୍‌ଓ ଖୁସ୍‌ବନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ଆଇଏଏସ୍ ଶିକ୍ଷାନବିଶ ଫାବୀ ରସିଦ, ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ଲକ୍‌ରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ରହିଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଦୁଇ ଗୋଟି ଆକାଂକ୍ଷା ବ୍ଲକ ଯଥା ନୂଆଗାଁ ଓ ବାଲିଶଙ୍କରାରେ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକର ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଇ ସମ୍ପୂର୍ଣ୍ଣତା ଅଭିଯାନର ସଫଳ ରୂପାୟନ କରାଯାଇଛି। ଏହି ଅଭିଯାନ ନିମନ୍ତେ ବିଭିନ୍ନ ସୂଚକାଙ୍କ ବା ଇଣ୍ଡିକେଟର ରହିଛି ଯେମିତିକି ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, କୃଷି, ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତ କରିବା, ଦକ୍ଷତା ଇତ୍ୟାଦି। ଏହି ସୂଚକାଙ୍କ ଗୁଡ଼ିକୁ ସଫଳତାର ସହ ରୂପାୟନ କରିଥିବାରୁ ନୂଆଗାଁ ବ୍ଲକକୁ ସରକାରଙ୍କ ତରଫରୁ ରୌପ୍ୟ ପଦକ ଏବଂ ବାଲିଶଙ୍କରା ବ୍ଲକକୁ ତାମ୍ର ପଦକ ପ୍ରଦାନ କରାଯାଇଛି। ସେହିଭଳି ଏହି ଅବସରରେ ସଂପୃକ୍ତ ବ୍ଲକରେ ତୃଣମୂଳ ସ୍ତରରେ ଅକ୍ଳାନ୍ତ ପରିଶ୍ରମ କରି ଏହି ସମ୍ପୂର୍ଣ୍ଣତା ଅଭିଯାନକୁ ସଫଳ କରିଥିବା ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିଭଳି ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଆକାଂକ୍ଷା ହାଟର ମଧ୍ୟ ଶୁଭ ଉଦଘାଟନ ହୋଇଛି ଏବଂ ସମସ୍ତ ଅତିଥିମାନେ ସମସ୍ତ ଷ୍ଟଲ୍ ପରିଦର୍ଶନ କରି ଉତ୍ପାଦିତ ଦ୍ରବ୍ୟ, ସାମଗ୍ରୀ ଗୁଡ଼ିକ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ ଏହି ଦୁଇ ଗୋଟି ଆକାଂକ୍ଷା ବ୍ଲକ୍‌ରୁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏବଂ ଅନ୍ୟାନ୍ୟ ବିଭାଗ ଯଥା – କୃଷି, ଉଦ୍ୟାନ କୃଷି, ହସ୍ତଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓରମାସ୍ ଆଦି ବିଭାଗ ଦ୍ୱାରା ୨୦ ଗୋଟି ଷ୍ଟଲ୍ ସ୍ଥାନିତ ହୋଇଛି। ଏହି ଆକାଂକ୍ଷା ହାଟ ଦ୍ୱାରା ଉତ୍ପାଦକମାନେ ନିଜର ଉତ୍ପାଦନକୁ ବିକ୍ରି ପାଇଁ ଏକ ଉତ୍କୃଷ୍ଟ ବଜାର ବ୍ୟବସ୍ଥା ପାଇବେ। ଏହା ଦ୍ୱାରା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ମାନଙ୍କ ଆର୍ଥିକ ଉନ୍ନତି ଘଟିବା ସହିତ ଉପଭୋକ୍ତା ମାନଙ୍କୁ ମଧ୍ୟ ସ୍ଥାନୀୟ ଉତ୍ପାଦ ଗୁଡ଼ିକ ସହଜ ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ। ଏହି ଆକାଂକ୍ଷା ହାଟ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।



# ଜିଲ୍ଲାପାଳଙ୍କୁ ଭେଟିଲେ ବ୍ଲକ ସମିତି ସଭ୍ୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍‌ଙ୍କୁ କେନ୍ଦ୍ରାପଡା ବ୍ଲକ ସମିତି ସଭ୍ୟ ସଂଘ ପକ୍ଷରୁ ଭେଟି ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ପଞ୍ଚାୟତ ଗୁଡିକର ବିକାଶ ନିମନ୍ତେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି । ଉକ୍ତ ପ୍ରକଳ୍ପ ଗୁଡିକ ବ୍ଲକ ଦ୍ୱାରା କାର୍ଯ୍ୟକାରୀ ହେବାକୁ ସ୍ଥିର ହୋଇଥିବା ବେଳେ ଉକ୍ତ ଅର୍ଥକୁ ପଞ୍ଚାୟତ ସ୍ତରରେ ବିନିଯୋଗ କରିବା ନିମନ୍ତେ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନଙ୍କର ସମାନ ଭାଗ ଅର୍ଥ ବିନିଯୋଗ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ସମିତିସଭ୍ୟ ଦେବାଶିଷ ଦାସ, ଶିବପ୍ରସାଦ ସାହାଣୀ, କୁଞ୍ଜବିହାରୀ ସ୍ୱାଇଁ, ଅକ୍ଷୟ କୁମାର ସାହୁ, ଚନ୍ଦ୍ରମଣି ବେହେରା, କୁମୁଦିନୀ ପରିଡା, ରାଜ ଅମାନ୍ୟ, ପ୍ରମିଳା ମିଶ୍ର, ଝୁନିପ୍ରଭା ରାଉତ, ସସ୍ମିତା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

# କଣ୍ଟାବାଞ୍ଜିରେ ‘ସଫେଇ ଅପ୍‌ନାଓ ବିମାରୀ ଭଗାଓ’ କାର୍ଯ୍ୟକ୍ରମ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**




ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଏନ୍‌ଏସି ପକ୍ଷରୁ ଗୁରୁବାର ସଫେଇ ଅପ୍‌ନାଓ ବିମାରୀ ଭଗାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ସହରର ରାଜୀବ ଛକ ସହ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ କଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସଚେତନ ସଭାର ଆୟୋଜନ କରାଯାଇଥଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀତ ଅତିଥି ଏନ୍‌ଏସି ନଗରପାଳ ବରିୟାମ ସିଂ ସାଲୁଜା, ଉପ ନଗରପାଳ ମନୋରମା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ଖାଲଖୋ, କାଉନ୍‌ସିଲର ଲଳିତ ଅଗ୍ରୱାଲ ପ୍ରମୁଖ ମଞ୍ଚାସିନ ଥିବାବେଳେ ଏମେଇ ଅଶୋକ ପଟ୍ଟନାୟକ ମଞ୍ଚ ପରିଚାଳନା କରୁଥଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗତ ୧ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଦିର୍ଘ ଏକ ମାସ ଧରି ସହରର ସମସ୍ତ ୱାର୍ଡରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି। ନିଜେ ସ୍ୱଚ୍ଛତା ରହିବା ସହ ପରିବେଶକୁ ସ୍ୱଚ୍ଛତା ରଖି ସଫେଇ ଅପ୍‌ନାଓ ବିମାରି ଭଗାଓ ବୋଲି ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ସରକାରୀ ହସ୍ପିଟାଲ୍ ମେଡିକାଲ୍ ଅଫିସର ଡାକ୍ତର ରାକେଶ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରି କଣ୍ଟାବାଞ୍ଜି ଏନ୍‌ଏସିର ସଫେଇ କର୍ମଚାରୀଙ୍କ ସହ ଯୋଗଦେଇଥିବା ସମସ୍ତ ବ୍ୟକ୍ତିବିଶେଷ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ସୂର୍ଯ୍ୟ ପ୍ରତାପ ମିଶ୍ର, ବିକାଶ ତରିଆ, ନୀଳକଣ୍ଠ ସତପଥି, ବିଜେପି ନେତା ବେଦବ୍ୟାସ ନାଗ, ପପୁ ଜୁଏଡ, ସହ ଏନ୍‌ଏସିର ସମସ୍ତ କର୍ମଚାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ‘ସମ୍ବଲପୁର ଦିନ’ ପାଳିତ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁରର ବରପୁତ୍ର ତଥା କୋଶଳି ଭାଷା ସାହିତ୍ୟ ସଂସ୍କୃତିର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ । ବିଶିଷ୍ଟ କବି, ଲେଖକ ତଥା ଭାଷାବିତ୍ ସମ୍ବଲପୁରୀ ଭାଷାକୁ ପରିଚୟ ଦେଇଥିବାର ସେଇ ମହାନ ବ୍ୟକ୍ତିତ୍ୱ ଜନ୍ମ ଦିନକୁ ସାରା ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ ଦିନ୍ ଭାବରେ ପାଳନ କରାଯାଏ । ଏହି ଅବସରରେ ସୋନପୁର-ସମ୍ବଲପୁର ରାସ୍ତା ପାର୍ଶ୍ୱ ବ୍ଲକ ଛକ ନିକଟରେ ସମ୍ବଲପୁରୀ ଦିନ୍ ୨୦୨୫ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ବୀର ମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଅରବିନ୍ଦ ବାରିକ, ନାଟ୍ୟଶ୍ରୀ ଗଦାଧର ବାରିକ, ଯୁବ ନେତା ଅମିୟ ରଞ୍ଜନ ଦାଶ ଓ ଶ୍ରଦ୍ଧାଞ୍ଜଳୀ ମିଶ୍ର ଯୋଗଦେଇ ସମ୍ବଲପୁରୀ ଦିନ ପାଳନର ମହତ୍ତ୍ୱ ଓ କୋଷୋଲି ଭାଷା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ସ୍ୱର୍ଗତ ସତ୍ୟ ନାରାୟଣ ବହିଦାରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫଟୋଚିତ୍ରରେ ଅତିଥିମାନେ ଧୂପ ଦୀପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ କଳାକାର ଶାଶ୍ୱତ ତ୍ରିପାଠୀ ଏବଂ ସହଯୋଗୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୋନପୁରର ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ, ସାହିତ୍ୟକ, ସଂସ୍କୃତି ସମ୍ପର୍ଣ୍ଣ ବ୍ୟକ୍ତି, ବରିଷ୍ଠ ନାଗରିକ ଯୋଗଦେଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, କଳାକାର ଅତିଥିଙ୍କ ସହ ସମ୍ବଲପୁରୀ ନାଚ ଗୀତରେ ଖୁବ୍ ମଜା ନେଇଥିଲେ । ଯାହାକି ସୋନପୁର ସହରର ଶତାଧିକ ଦର୍ଶକ, ବସ୍ ଯାତ୍ରୀ ଉପଭୋଗ କରିଥିଲେ । ଏହି ଉତ୍ସବ ସଂଯୋଜନାରେ ଶ୍ରୀ ବହିଦାର ସ୍ମୃତି କମିଟିର ଅରୁଣ ବହିଦାର, ବିବେକା ପଣ୍ଡା, ସନ୍ତୋଷ ମିଶ୍ର, ଦେବାଶିଷ ପଟ୍ଟନାୟକ, ପ୍ରମୋଦ କୁମାର ସାହୁ, ବେଣୁଧର ପଧାନ, ଲଡୁ କିଶୋର ମଲ୍ଲିକ, ସୁଶାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# କଳାପଥର ମାଫିଆଙ୍କ କବ୍‌ଜାରେ ଡଙ୍କାରୀ ପାହାଡ଼:ଭୂତଳ ତୈଳ ପ୍ରକଳ୍ପରେ ବିଳମ୍ବ

**ଯାଜପୁର, ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳାର ବହୁ ଚର୍ଚ୍ଚିତ ଡଙ୍କାରୀ ପାହାଡରୁ ଶହ ଶ ହକୋଟି ଟଙ୍କାର କଳାପଥର ଲୁଟ୍ ପାଇଁ ଜାତୀୟ ସ୍ତରରେ ଚର୍ଚ୍ଚାରେ ରହିଛି। ଏହି ପାହାଡ ପାଦ ଦେଶରେ ହେବାକୁ ଥିବା ଭୂତଳ ତୈଳ ପ୍ରକଳ୍ପକୁ ମଧ୍ୟ କଳାପଥର ମାଫିଆମାନେ ଦୀର୍ଘ ୧୦ ବର୍ଷ ହେଲା କରାଇନଦେବାରେ ସଫଳ ହୋଇଛନ୍ତି। କଳାପଥର ମାଫିଆଙ୍କ ସ୍ୱାର୍ଥ ନିକଟରେ ଜାତୀୟ ପ୍ରକଳ୍ପ ବନ୍ଧା ପଡିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହାତ ଟେକି ଦେଇଥିଲେ। ଏବେ ଏହି ପ୍ରକଳ୍ପ ପାଇଁ ଏଠାରେ କଳା ପଥର ଉତ୍ତୋଳନକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ସରକାର ନିଷ୍ପତି ନେଇଛନ୍ତି। ଏଥିନେଇ ଲଘୁଖଣିଜ ଦ୍ରବ୍ୟ ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମା ପତ୍ର ନମ୍ବର- ୧୯୭୮ ତା୨୯.୦୭.୨୫ ପ୍ରଦାନ କରିଛନ୍ତି। ଏହାପରେ ବିଭାଗ ତରଫରୁ ବିଧି ଓ ବ୍ୟବସ୍ଥା ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାରୁ ପ୍ରକାଶ, ଚଣ୍ଡୀଖୋଲ ନିକଟସ୍ଥ ଡଙ୍କାରୀ ପାହାଡ ତଳେ ଭୂତଳ ତୈଳ ପ୍ରକଳ୍ପ ପାଇଁ ୪୦୦ ଏକର ଜମିର ଆବଶ୍ୟ କରହିଛି। ଏହି ଅଞ୍ଚଳ ଏବଂ ଏହା ସଂଲଗ୍ନ ଅଞ୍ଚଳରେ ୧୩ଟି କଳାପଥର ଖାଦାନ ରହିଛି। ତୈଳ ପ୍ରକଳ୍ପ ପାଇଁ ଯାଜପୁର ଜିଲ୍ଲାପାଳ ପତ୍ର ନମ୍ବର- ୫୭୬୮ ତା୧୬.୦୪.୨୫ ରିଖରେ ଏଠାରୁ କଳାପଥର ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଇ.ଏସ୍.ପି.ଆର୍.ଏଲ୍‌ର ମୁଖ୍ୟ ପରିଚାଳକ ମଧ୍ୟ ଏଠାରୁ କଳାପଥର ଚାଲାଣ ଏବଂ ବ୍ଲାଷ୍ଟିଂ ବନ୍ଦ ପାଇଁ ଏହି ସ୍ଥାନର ରାଜସ୍ୱ ମାନଚିତ୍ର ସହ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାପରେ ବି ଏଠାରୁ ବ୍ୟାପକ କଳାପଥର ଲୁଟ୍ ହେଉଥିବା ନେଇ ଧର୍ମଶାଳା ପାହାଡ ପର୍ବତ ସୁରକ୍ଷାମଞ୍ଚ ସଭାପତି ଗତ ତା୧୬.୦୭.୨୫ ରିଖରେ ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ଖଣି ବିଭାଗ ନିକଟରେ ତଥ୍ୟ ଭିତିକ ଅଭିଯୋଗ କରିଥିଲେ। ଏହାର ଅନୁଧ୍ୟାନ କରି ଖଣି ବିଭାଗ ତରଫରୁ ଉପନିର୍ଦ୍ଦେଶକଙ୍କ ତରଫରୁ ତଦନ୍ତ ରିପୋର୍ଟ ପତ୍ର ନଂ-୪୭୭୯ ତା୨୫.୦୭.୨୫ ପ୍ରଦାନ କରାଗଲା। ସେଥିରେ ଏଠାରେ ଥିବା ୧୩ ଟି ଖାଦାନକୁ ପଥର ଚାଲାଣ ପାଇଁ ଟି.ପି ପ୍ରଦାନ କରାଯାଇନଥିବାର ଦର୍ଶାଗଲା। ତେବେ ବିନା ଟିପିରେ ଡଙ୍କାରୀରୁ ପ୍ରତ୍ୟେକ ଦିନ ବହୁ କୋଟି ଟଙ୍କାର କଳାପଥର ଲୁଟ୍ ନେଇ ବିଭାଗ ତରଫରୁ ତନାଘନା ମଧ୍ୟ ଆରମ୍ଭ ହୋଇଥିଲା। ଏହାପରେ ବିଭାଗୀୟ ନିର୍ଦ୍ଦେଶକ ସିଧା ସଳଖ ଏଠାରୁ ସମ୍ପୂର୍ଣ୍ଣ କଳାପଥର ଚାଲାଣ ବନ୍ଦ ପାଇଁ ପ୍ରକିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୪ ସେପ୍ଟେମ୍ବର ୧୨ ତାରିଖରେ ଭୁବନେଶ୍ୱରରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ନିକଟସ୍ଥ ଡଙ୍କାରୀ ପାହାଡ ପାଦଦେଶରେ ଦେଶର ସର୍ବବୃହତମ ତୈଳ ପ୍ରକଳ୍ପ ହେବ ବୋଲି ଘୋଷଣା କଲେ। ୩.୭୫ ମେଟ୍ରିକ୍‌ଟନ୍ ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ ୩.୮୦୦ କୋଟି ଟଙ୍କାର ନିବେଶ କରାଯିବ। ୪୦୦ ଏକର ଜମି ରାଜ୍ୟ ସରକାରଙ୍କୁ ମଗାଯାଇଛି। ୨୦୧୫ ଅଗଷ୍ଟ ୩ ଏବଂ ୨୦୧୬ ଅକ୍ଟୋବର ୪ ତାରିଖରେ କେନ୍ଦ୍ରତୈଳ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ତରଫରୁ ରାଜ୍ୟର ସରକାରଙ୍କ ମୁଖ୍ୟଶାସନ ସଚିବଙ୍କୁ ଦୁଇଥର ପତ୍ର ଦିଆଯାଇ ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ହେଉଥିବା ଏହି ପ୍ରକଳ୍ପ ସ୍ଥାନ ଡଙ୍କାରୀରେ ସମସ୍ତ ପ୍ରକାର ପଥର ଉତ୍ତୋଳନ କାର୍ଯ୍ୟ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହା ଭୂତଳ ତୈଳ ପ୍ରକଳ୍ପ ହୋଇଥିବାରୁ ବ୍ଲାଷ୍ଟିଂ କରାଗଲେ ଭୂତଳ ମାଟି ଉପରେ ଲହାରକୁ ପ୍ରଭାବ ପଡିବ ଏବଂ ପ୍ରକଳ୍ପ ରକ୍ଷତି ହେବ ବୋଲି ଏହି ଦୁଇ ପତ୍ରରେ ଦର୍ଶାଯାଇଥିଲା। ୨୦୧୭ ଫେବୃୟାରୀ ୨୮ ତାରିଖରେ ଅର୍ଥମନ୍ତ୍ରୀ ସଂସଦରେ ବଜେଟ୍ ଅଭିଭାଷଣରେ ଏହି ପ୍ରକଳ୍ପ ନେଇ ଅର୍ଥ ମଞ୍ଜୁର କଲେ। ଏହାପରେ ବିକେନ୍ଦ୍ରର ପତ୍ର ଅନୁସାରେ ଡଙ୍କାରୀ ପାହାଡରୁ ପଥର ଉତ୍ତୋଳନ ବନ୍ଦ ହେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଦିଆଗଲାନାହିଁ। ଏଥିନେଇ କେନ୍ଦ୍ର ସରକାର ମଧ୍ୟ ଚୁପ୍ ରହିଗଲେ। ଧର୍ମଶାଳା ପାହାଡ ପର୍ବତ ସୁରକ୍ଷାମଞ୍ଚ ତରଫରୁ ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୧୯ ମାର୍ଚ୍ଚ ୨୦୧୮ରେ ତତ୍କାଳୀନ ମୁଖ୍ୟଶାସନ ସଚିବଙ୍କୁ ଉପରୋକ୍ତ ଦୁଇ ପତ୍ରସହ ସାକ୍ଷାତ କରିଥିଲେ। ମୁଖ୍ୟ ଶାସନ ସଚିବ ଏହି ପତ୍ର ପାଇବା ପରେ ତତ୍‌କ୍ଷଣାତ୍ ଡଙ୍କାରୀରେ କଳାପଥର ଉତ୍ତୋଳନ ବନ୍ଦ ପାଇଁ ସୁପାରିଶ କରିବା ଘଟଣା ରାଜ୍ୟର ଗଣମାଧ୍ୟମରେ ପ୍ରମୁଖ ପ୍ରସଙ୍ଗ ହୋଇଥିଲା। ଏଠାରୁ କଳାପଥର ଉତ୍ତୋଳନ ବନ୍ଦ ହେଲେ ରାଜ୍ୟର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଯାଜପୁର ଜିଲ୍ଲାପାଳଙ୍କ ପତ୍ର ଆଧାରରେ ପୁନଶ୍ଚ ଲଠାରେ କଳାପଥର ଉତ୍ତୋଳନ ପାଇଁ ଅନୁମତି ମିଳିଥିଲା। ଅନୁମତି ଠାରୁ କୋଟି କୋଟି ଟଙ୍କାର ଅଧିକ କଳାପଥର ଲୁଟ୍ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ରାଜ୍ୟରେ ସରକାର ବଦଳିବା ପରେ ପରିସ୍ଥିତିର ପରିବର୍ତ୍ତନ ହେବାର ସମ୍ଭାବନା ଆଶା କରାଯାଉଥିଲେ ମଧ୍ୟ ଅଧିକ କଳାପଥର ଲୁଟ୍ ହେଲା। ଗୁରୁବାର ସନ୍ଧ୍ୟାରେ ଏକ ପ୍ରେସ୍ ବିଜ୍ଞପ୍ତିରେ ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ, ଦେଶରେ ୪ଟି ଭୂତଳ ତୈଳ ପ୍ରକଳ୍ପ ମଞ୍ଜୁରୀ ହୋଇଥିବାର ୨୦୧୪ରେ ବିଭାଗୀୟ ମନ୍ତ୍ରୀ ସୂଚନା ଦେଲେ। ହେଲେ ଦେଶର ଅନ୍ୟ ତିନୋଟି ସ୍ଥାନରେ ପ୍ରକଳ୍ପ ହୋଇଥିଲେ ମଧ୍ୟ ଡଙ୍କାରୀରେ କଳାପଥର ଲୁଟ୍ ପାଇଁ ଉଭୟ ବି.ଜେ.ଡି ଏବଂ ବି.ଜେ.ପି ଏକାଠି ହୋଇଗଲେ। ବିନା ଟିପିରେ ଡଙ୍କାରୀରୁ କଳାପଥର ଲୁଟ୍ ନେଇ ସରକାର ସାଟେଲାଇଟ୍ ସର୍ଭେ ରିପୋର୍ଟ ଆଧାରରେ ତଦନ୍ତ କରି ଏକ ସେସମାଇନିଂ ନେଇ ଜରିମାନା କରନ୍ତୁ। ଡଙ୍କାରୀ ପାହାଡରେ ପୂର୍ବରୁ ବିଜେଡି ସରକାର ସମୟରେ ହୋଇଥିବା ବହୁ କୋଟି ଟଙ୍କାର ଜରିମାନାକୁ ଆଦାୟ କରନ୍ତୁ। ବିଜେପି ସରକାର ସମୟରେ ଡ୍ରୋନ୍ ସର୍ଭେରେ ଏକ ସେସମାଇନିଂ ନେଇ ଜରିମାନା ଆଦାୟ କରିବାକୁ ଦାବି କରିଛନ୍ତି।

# ବିମାନବନ୍ଦରରୁ ୱାର୍ଲ୍ଡ ଚାମ୍ପିୟନ ରିଚାର୍ଡସନ ଗିରଫ



**ସିଆଟେଲ**

ୟୁଏସ୍ ଟ୍ରାକ ଓ ଫିଲ୍ଡ ଚାମ୍ପିୟନସିପ୍ ଆରମ୍ଭ ହେବାର ୪ ଦିନ ପୂର୍ବରୁ ୧୦୦ ମିଟର ୱାଲର୍ଡ ଚାମ୍ପିୟନ ଶାକାରି ରିଚାର୍ଡସନଙ୍କୁ ଘରୋଇ ହିଂସା ଲାଗି ସିଆଟେଲ ବିମାନବନ୍ଦରରୁ ଗିରଫ କରାଯାଇଛି । ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ୨୫ ବର୍ଷୀୟା ରିଚାର୍ଡସନ ବିମାନବନ୍ଦରରେ ତାଙ୍କ ପୁରୁଷ ସାଥୀଙ୍କ ସହ ଯୁକ୍ତିତର୍କ ପରେ ତାଙ୍କୁ ଧକ୍କା ଦେଇଥିଲେ, ଯାହା ଫଳରେ ତାଙ୍କ ପୁରୁଷ ସାଥୀ ଏକ ଖୁମ୍ବରେ ପିଟି ହୋଇଯାଇଥିଲେ ।

ଏକ ରିପୋର୍ଟ ମୁତାବକ, ରିଚାର୍ଡସନଙ୍କୁ ୨୭ ତାରିଖ ସନ୍ଧ୍ୟାରେ ଗିରଫ କରାଯାଇ ପରଦିନ ଛଡ଼ା ଯାଇଥିଲା । ଗତ ଶୁକ୍ରବାର ସେ ଅତ୍ୟଧିକ ଖରା କାରଣରୁ ଅରେଗନର ୟୁଜିନରେ ୧୦୦ ମିଟର ସେମିଫାଇନାଲରେ ଓହରି ଯାଇଥିଲେ ।

# ସେପ୍ଟେମ୍ବର ୧୪ରେ ଭାରତ-ପାକ୍ ମହାମୁକାବିଲା

## ଆଇସିସି ଜାରି କଲା ଏସିଆ କପ୍-୨୦୨୫ର ଖେଳ ସୂଚୀ

**ନୂଆଦିଲ୍ଲୀ**

ଏସିଆ କପ୍ ମୁକାବିଲା ପାଇଁ ଏସିସି ଅଧ୍ୟକ୍ଷ ମୋହସିନ ଅଧ୍ୟକ୍ଷ ଶନିବାର ଭେନ୍ୟୁ ଘୋଷଣା କରିଛନ୍ତି । ଏସିଆ କପ୍ ସେପ୍ଟେମ୍ବର ୯ରୁ ଅଗଷ୍ଟ ୨୮ ମଧ୍ୟରେ ୟୁଏଇରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ମୁକାବିଲା ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପରେ ଅଛନ୍ତି । ତେଣୁ ସେପ୍ଟେମ୍ବର ୨୧ (ରବିବାର)ରେ ସୁପର୍ ୪ ମୁକାବିଲାରେ ଦୁଇ ଦେଶ ମୁହାଁମୁହିଁ ହୋଇପାରନ୍ତି । ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ ଟିମ୍ ଇଣ୍ଡିଆ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ଭାରତର ସମସ୍ତ ମ୍ୟାଚ୍ ଦୁବାଇରେ ହେବାର ସମ୍ଭାବନା ରହିଛି । ଗ୍ରୁପ୍ ଏରେ ଭାରତ, ପାକିସ୍ତାନ, ୟୁଏଇ ଓ ଓମାନ ଅଛନ୍ତି । ସେହିପରି ଗ୍ରୁପ୍ ବିରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ଅଛନ୍ତି । ଏସିସି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୧୭ ସଦସ୍ୟ ବିଶିଷ୍ଟ ଟିମ୍ ଲାଗି ଅନୁମତି ଦେଇଛି । ମ୍ୟାଚ୍ ଦୁବାଇ ଓ ଆବୁ ଧାବିରେ ଖେଳାଯିବ ।

ଗ୍ରୁପ୍ ପର୍ଯ୍ୟାୟ: ସେପ୍ଟେମ୍ବର୯ (ମଙ୍ଗଳବାର): ଆଫଗାନିସ୍ତାନ ବନାମ ହଂକଂ (ଆବୁଧାବି), ସେପ୍ଟେମ୍ବର ୧୦ (ବୁଧବାର): ଭାରତ ବନାମ ୟୁଏଇ (ଦୁବାଇ), ସେପ୍ଟେମ୍ବର ୧୧ (ଗୁରୁବାର): ବାଂଲାଦେଶ ବନାମ ହଂକଂ (ଆବୁଧାବି), ସେପ୍ଟେମ୍ବର ୧୨ (ଶୁକ୍ରବାର): ପାକିସ୍ତାନ ବନାମ ଓମାନ (ଦୁବାଇ), ସେପ୍ଟେମ୍ବର ୧୩ (ଶନିବାର): ବାଂଲାଦେଶ ବନାମ ଶ୍ରୀଲଙ୍କା (ଆବୁଧାବି), ସେପ୍ଟେମ୍ବର ୧୪ (ରବିବାର): ଭାରତ ବନାମ ପାକିସ୍ତାନ (ଦୁବାଇ), ସେପ୍ଟେମ୍ବର ୧୫ (ସୋମବାର): ୟୁଏଇ ବନାମ ଓମାନ (ଆବୁଧାବି), ସେପ୍ଟେମ୍ବର ୧୫ (ସୋମବାର): ଶ୍ରୀଲଙ୍କା ବନାମ ହଂକଂ (ଦୁବାଇ), ସେପ୍ଟେମ୍ବର ୧୬ (ମଙ୍ଗଳବାର): ବାଂଲାଦେଶ ବନାମ ଆଫଗାନିସ୍ତାନ (ଦୁବାଇ), ସେପ୍ଟେମ୍ବର ୧୭ (ବୁଧବାର): ପାକିସ୍ତାନ ବନାମ ୟୁଏଇ (ଆବୁଧାବି), ସେପ୍ଟେମ୍ବର ୧୮ (ଗୁରୁବାର): ଶ୍ରୀଲଙ୍କା ବନାମ ଆଫଗାନିସ୍ତାନ (ଦୁବାଇ), ସେପ୍ଟେମ୍ବର ୧୯ (ଶୁକ୍ରବାର): ଭାରତ ବନାମ ଓମାନ (ଆବୁଧାବି)

ସୁପର୍ ୪ ମ୍ୟାଚ୍: ସେପ୍ଟେମ୍ବର ୨୦ (ଶନିବାର): ଗ୍ରୁପ୍ ବି କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୨ (ଦୁବାଇ), ସେପ୍ଟେମ୍ବର ୨୧ (ରବିବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ଏ କ୍ୱାଲିଫାୟର୍ ୨ (ଦୁବାଇ), ସେପ୍ଟେମ୍ବର ୨୩ (ମଙ୍ଗଳବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୨ (ଆବୁଧାବି), ସେପ୍ଟେମ୍ବର ୨୪ (ବୁଧବାର): ଗ୍ରୁପ୍ ବି କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ଏ କ୍ୱାଲିଫାୟର୍ ୨ (ଦୁବାଇ), ସେପ୍ଟେମ୍ବର ୨୫ (ଗୁରୁବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୨ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୨ (ଦୁବାଇ),

ସେପ୍ଟେମ୍ବର ୨୬ (ଶୁକ୍ରବାର): ଗ୍ରୁପ୍ ଏ କ୍ୱାଲିଫାୟର୍ ୧ ବନାମ ଗ୍ରୁପ୍ ବି କ୍ୱାଲିଫାୟର୍ ୧ (ଦୁବାଇ), ସେପ୍ଟେମ୍ବର ୨୮ (ରବିବାର): ଫାଇନାଲ୍ (ଦୁବାଇ)

# ସବୁଜ ପ୍ରଯୁକ୍ତିବିଦ୍ୟା ଓ ଆତ୍ମନିର୍ଭରଶୀଳ ଉତ୍ପାଦନ ଉପରେ ମୋଦୀଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଏକ ଲେଖା ଶେୟାର କରିଛନ୍ତି । ଭାରତ କିପରି ଇଲେକ୍ଟ୍ରିକ ମୋବିଲିଟି, ସବୁଜ ପ୍ରଯୁକ୍ତିବିଦ୍ୟା ଏବଂ ଆତ୍ମନିର୍ଭରଶୀଳ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ଏହାର ଶିଳ୍ପ ପରିଦୃଶ୍ୟକୁ ପୁନଃଆକାର ଦେଉଛି ସେ ଉପରେ ଏହି ଲେଖାରେ ବର୍ଣ୍ଣନା କରାଯାଇଛି । କେନ୍ଦ୍ରମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଦ୍ୱାରା ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି; "କେନ୍ଦ୍ରମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଲେଖିଛନ୍ତି ଯେ, ଭାରତ ଇଲେକ୍ଟ୍ରିକ୍ ମୋବିଲିଟି, ସବୁଜ ପ୍ରଯୁକ୍ତିବିଦ୍ୟା ଏବଂ ଆତ୍ମନିର୍ଭରଶୀଳ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ନିଜର ଶିଳ୍ପ ପରିଦୃଶ୍ୟକୁ ପୁନଃଆକାର ଦେଉଛି । ଲକ୍ଷ୍ୟଭିତ୍ତିକ ଯୋଜନା ଏବଂ ସରକାରୀ-ଘରୋଇ ସହଭାଗିତା ଏହି ପରିବର୍ତ୍ତନକୁ ଆଗେଇ ନେଉଛି ।"

# ରମ୍ଭିକା ସେତୁ ନିମ୍ନ ଭାଗରେ ଥିବା ପାଚେରୀ ଭାଙ୍ଗିବାକୁ ସରପଞ୍ଚ ସଂଘର ଦାବି

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସିଙ୍ଗିରି, ଚଣ୍ଡିଆଗଡି, ଅରେହିକଣା ଓ ମାଣିକପାଟଣା ଗ୍ରାମ ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀର ଏକ ଶାଖା ପାଣିନାଳ ଆଳି ଭୋଡାର ମଧ ସ୍ଥଳ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ପାଣି ନାଳ ଉପରେ କଟକ ଚାନ୍ଦବାଲି ରାସ୍ତାର ଛପୋଲିଆ ଠାରେ ୧୨ ଗୋଟି ଫାଟକ ବିଶିଷ୍ଟ ଏକ ସେତୁ ନିର୍ମାଣ କରାଯାଇ ହଜାର ହଜାର ଏକର ଚାଷ ଜମିର ଆବଶ୍ୟକତା ଅନୁଯାୟୀ ଜଳଧାରଣ ଓ ନିଷ୍କାସନ କରାଯାଏ । ଏହା ଦ୍ୱାରା ଚାଷ ବାସ ଠିକ ଠାକ ଚାଲେ ଓ ପାଣି ନାଳଟି ସଫା ରହିବା ସହିତ ସମସ୍ତ ଜନ ସାଧାରଣ ବ୍ୟବହାର କରିବା ସହ ଗାଈ ଗୋରୁ ଗୃହପାଳିତ ପଶୁ ଆଦି ଜଳ ବ୍ୟବହାର କରୁଥିଲେ । ଉକ୍ତ ଅଞ୍ଚଳରେ ବସବାସ କରୁଥିବା ୫୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ମାଛମାରି ପରିବାର ପ୍ରତିପୋଷଣ କରୁଥିଲେ । କିନ୍ତୁ ୨୦୧୩/୧୪ ମସିହାରେ ରମ୍ଭିକା ଠାରେ ଏକ ସେତୁ ନିର୍ମାଣ ହେବା ସହ ସେହି ବର୍ଷ ଆଳି ଭେଡାର ମଧ୍ୟସ୍ଥଳ ପର୍ଯ୍ୟନ୍ତ ପାଣିନାଳକୁ ଖନନ କରାଯାଇ ପୂର୍ବଉଦ୍ଧାର କରାଗଲା । ସେତୁର କବାଟକୁ ନିମ୍ନ ଭାଗରେ ଥିବା ପାଚେରୀ ସହ ସଂଯୋଗ କରାଯାଉଛି ଯାହା ଆଦୌ ଆବଶ୍ୟକ ନଥିଲା । ଏହା ଦ୍ୱାରା ୪.୫ ଫୁଟର ପାଣି ସବୁ ସମୟ ପାଇଁ ଆବଦ୍ଧ ହୋଇ ରହିଯାଉଅଛି । ଜୁଆର ପାଣି ସବୁ ସମୟ ପାଇଁ ଆବଦ୍ଧ ପାଣି ସହ ମିଶି ପାରୁ ନାହିଁ । କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ସଂସ୍କାର ଓ ଶୁଦ୍ଧି କ୍ରିୟା କରିବା ପାଇଁ ୫ କି.ମି. ଦୂର ବ୍ରାହ୍ମଣୀ ନଦୀକୁ ଯିବାକୁ ପଡୁଛି । କିନ୍ତୁ ସେଠାରେ ମଧ ଲୋକମାନଙ୍କ ର କୁମ୍ଭୀରପ୍ରତି ଭୟ ରହୁଛି । ଏନେଇ ସରପଂଚ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କୁ ପ୍ରଦାନ କରାଯାଇ ଏହି ପାଚେରୀକୁ ଭାଙ୍ଗିବା ପାଇଁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସଂଘର ସଭାପତି ସନାତନ ସାହୁଙ୍କ ସମେତ ଅକ୍ଷୟ ଦାସ, ହେମନ୍ତ ମହାନ୍ତି, କାଜନ ବିହାରୀ ପରିଡା, ଯୁଧିଷ୍ଠିର ମଲିକ, ହେମଲତା ସେଠୀ, ବିଜୟଲକ୍ଷ୍ମୀ ସାହୁ, ନିଳମଣୀ ସେଠୀ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପରିବାର ସମ୍ମୁଖରେ ଇତିହାସ ରଚିଲେ ଯଶସ୍ୱୀ ଜୟସ୍ୱାଲ

**ଓଭାଲ**



ଭାରତୀୟ ଦଳର ଓପନର ଯଶସ୍ୱୀ ଜୟସ୍ୱାଲ ଇଂଲଣ୍ଡ ବିପକ୍ଷେ ଓଭାଲ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଏକ ଜବରଦସ୍ତ ଶତକ ହାସଲ କରିଛନ୍ତି। ୧୨୭ ବଲରେ ୧୧ଟି ଚୌକା ଓ ୨ଟି ଛକା ସହାୟତାରେ ସେ ଏହି ଶତକ ପୂରଣ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିଅରର ଷଷ୍ଠ ଶତକ ଏବଂ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଶତକ। ତାଙ୍କ ଏହି ଇନିଂସ ଯୋଗୁ ଟିମ୍ ଇଣ୍ଡିଆ ଶେଷ ଟେଷ୍ଟ ମ୍ୟାଚରେ ମଜବୁତ ସ୍ଥିତିରେ ପହଞ୍ଚିଛି।

ପ୍ରଥମ ଇନିଂସରେ ମାତ୍ର ୨ ରନରେ ଆଉଟ ହେବା ପରେ ଯଶସ୍ୱୀ ଦ୍ୱିତୀୟ ଇନିଂସରେ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରି ଏହି ଶତକ ହାସଲ କରିଛନ୍ତି। ଏଭଳି ଏକ ସମୟରେ ତାଙ୍କ ପରିବାର ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିଅରରେ ଷଷ୍ଠ ଶତକ, ଯେଉଁଥିରୁ ୪ଟି ଇଂଲଣ୍ଡ ବିପକ୍ଷରେ ସେ ମାରିଥିବାବେଳେ ଗୋଟିଏ ଅଷ୍ଟ୍ରେଲିଆ ଓ ଗୋଟିଏ ୱେଷ୍ଟଇଣ୍ଡିଜ ବିପକ୍ଷରେ ହାସଲ କରିଛନ୍ତି।

ପୂର୍ବରୁ ଯଶସ୍ୱୀ ଲିଡ୍‌ସ ଟେଷ୍ଟ ମ୍ୟାଚର ପ୍ରଥମ ଇନିଂସରେ ୧୦୧ ରନର ଏକ ଶତକୀୟ ଇନିଂସ ଖେଳିଥିଲେ। ଏହା ସହିତ ସେ ଏଜବେଷ୍ଟନରେ ୮୭ ରନ ଓ ମାନଚେଷ୍ଟରରେ ୫୮ ରନର ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ମଧ ଖେଳିଛନ୍ତି। ଏହି ଟେଷ୍ଟ ସିରିଜରେ ସେ ଦୁଇଥର ଶୂନରେ ଆଉଟ ହୋଇଛନ୍ତି।

ତେବେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଯଶସ୍ୱୀ ୨୦୦୦ ରନ ପୂରଣ କରି ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। ଏଜବେଷ୍ଟନ ଟେଷ୍ଟ ମ୍ୟାଚ୍ ସମୟରେ ସେ ନିଜର ୪୦ତମ ଟେଷ୍ଟ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହା ସହିତ ସେ ଭାରତ ପାଇଁ ସବୁଠାରୁ କମ ଇନିଂସରେ ୨୦୦୦ ରନ ପୂରଣ କରିଥିବା ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ଼ ଓ ପୂର୍ବତନ ଓପନର ବୀରେନ୍ଦ୍ର ସେହୱାଗଙ୍କ ସହ ଯୁଗ୍ମ ରେକର୍ଡ କରିଛନ୍ତି।

# ବିବାହ ବିଚ୍ଛେଦ ଘୋଷଣାର ମାସକ ପରେ ପୁଣି ଏକାଠି ସାଇନା-କଶ୍ୟପ



**ହାଇଦ୍ରାବାଦ**

ବିବାହ ବିଚ୍ଛେଦ ଘୋଷଣା କରିବାର ପାଖାପାଖି ଏକ ମାସ ପରେ ସାଇନା ନେହ୍ୱାଲ ଓ ପାରୁପଲୀ କଶ୍ୟପ ସେମାନଙ୍କ ବିବାହକୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

୨୦୧୮ରେ ବିବାହ କରିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦମ୍ପତି ଗତ ଜୁଲାଇରେ ସୋସିଆଲ ମିଡିଆ ଜରିଆରେ ଆପୋଷ ବୁଝାମଣାରେ ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ।

କିନ୍ତୁ ଶନିବାର ସାଇନା ଇନଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟ ଫ୍ୟାନ୍ସଙ୍କୁ ଚକିତ କରି ଦେଇଛି। କଶ୍ୟପଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପସନରେ 'ବେଳେବେଳେ ଦୂରତା ତୁମ ଉପସ୍ଥିତିର ମୂଲ୍ୟ ଶିଖାଏ। ଆମେ ଏବେ ପୁଣି ଉଦ୍ୟମ କରୁଛୁ' ବୋଲି ସାଇନା ଉଲ୍ଲେଖ କରିଛନ୍ତି।

# ସୋନପୁର କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ଜିଲ୍ଲାପାଳଙ୍କ ସହ ଆଲୋଚନା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୋନପୁର କଲେଜ ଆଲୁମିନୀ ଏସୋସିଏସନ ପକ୍ଷରୁ ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ ନୃପରାଜ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷା ବିଭାଗରୁ ଆସିଥିବା ଶ୍ରୀ ସାହୁ ଆଲୁମିନୀ ଏସୋସିଏସନ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିବା ସହ ସୋନପୁର କଲେଜର ସମସ୍ତ ବିଷୟ ପଚାରି ବୁଝିଥିଲେ । ଏହି ଅବସରରେ ସଦସ୍ୟ ମାନେ କଲେଜ ରେ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ନିବେଦନ କରିଥିବା ବେଳେ କଲେଜ ର ବାଡ ଭାଙ୍ଗିଯାଇଥିବା ଯୋଗୁଁ ଅସାମାଜିକ ବ୍ୟକ୍ତିଙ୍କ ଅନଧିକାର ପ୍ରବେଶ ସହ ଗାଇ ମଧ କଲେଜ ଭିତରକୁ ପ୍ରବେଶ କରୁଥିବା ବିଷୟ ଜଣାଇ ଥିଲେ। ଏବଂ କଲେଜକୁ ନାକ୍‌ର ପୁନଃ ସ୍ୱୀକୃତି ପାଇଁ ପଦକ୍ଷେପ ନେବା ସହ ସର୍ବ ପୁରାତନ ସୋନପୁର କଲେଜକୁ ସରକାରୀ ମାନ୍ୟତା ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଥିଲା। ଏହି ସାକ୍ଷାତ ସମୟରେ ଆଲୁମିନୀ ଏସୋସିଏସନ ର ସଭାପତି ଡଃ ପ୍ରଫୁଲ୍ଲ କୁମାର ରଥ, ଉପ ସଭାପତି ଗତିକୃଷ୍ଣ ମିଶ୍ର, ସଂପାଦକ ଭାରତ ଭୂଷଣ ଦାଶ, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଝାରୀ, ସଂଯୋଜକ ସୁଦାମ ମିଶ୍ର, ଅର୍ଥ ବିଭାଗ ନିଶାନ୍ତ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ପ୍ଲାବନ ମହାପାତ୍ରଙ୍କ ସହ ମିଡିଆ ସେଲ ମେମ୍ବର ରାଜ କିଶୋର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ବ୍ରହ୍ମପୁରରେ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ : ଏନ୍‌ଫୋର୍ସମେଣ୍ଟ ହେବ କ୍ରୀୟାଶୀଳ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ଦିନକୁ ଦିନ ଜଟିଳ ହେଲାଣି ଟ୍ରାଫିକ୍ ସମସ୍ୟା । ଆମ୍ବୁଲାନ୍ସ ଯାତାୟତରେ ମଧ୍ୟରେ ସୃଷ୍ଟି ହେଉଛି ବାଧା । ଯାହାର ମୁଖ୍ୟ କାରଣ ହେଉଛି ଜବରଦଖଲ, ରାସ୍ତା ଉପରେ ପାର୍କିଂ, ଉଠାଦୋକାନୀଙ୍କ ସମେତ ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ଗଛିତ କରିବା । ଏସବୁକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ଏନ୍‌ଫୋର୍ସମେଣ୍ଟକୁ କ୍ରୀୟାଶୀଳ କରିବାକୁ ନିଷ୍ପତ୍ତି ନିଆଯାଇଛି । ୪୨ଟି ୱାର୍ଡ଼ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇ ଏଥିପାଇଁ ୬ଟି ଟିମ୍ ଗଠନ କରାଯାଇଛି । ସକାଳ ଓ ସନ୍ଧ୍ୟାରେ ଏହି ଟିମ୍ ପୃଥକ୍ ପୃଥକ୍ ଭାବେ ବିଭିନ୍ନ ସ୍ଥାନରେ ଜବରଦଖଲ ଭଳି ସମସ୍ୟାର ସମାଧାନ କରିବେ । ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏଁ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଟିମ୍‌ର କାର୍ଯ୍ୟକୁ ତଦାରଖ କରିବାକୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଇତି ମଧ୍ୟରେ ବିଏମ୍‌ସିରେ ଦୁଇଜଣ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି । ଅଗଷ୍ଟ ପହିଲାରୁ ସହରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ଼ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ୍ ରାପିଡ୍ ରେସ୍‌ପନ୍ସ ଟିମ୍ ଭାବେ ସହରରେ କାମ କରିବେ । ବର୍ଷା ଦିନରେ ମଧ ଏହି ଟିମ୍ କାମ କରିବ। ଏଥିପାଇଁ ବିଏମ୍‌ସିର ହେଲ୍ପ ଲାଇନ୍ ଜରିଆରେ ଲୋକଙ୍କ ଠାରୁ ଆସୁଥିବା ତଥ୍ୟ ଓ ସୂଚନା ଆଧାରରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ଜବରଦଖଲ ଉଚ୍ଛେଦ ଭଳି କାର୍ଯ୍ୟରେ ପୋଲିସର ସହାୟତା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ । ବିଏମ୍‌ସି ପକ୍ଷରୁ ପୂର୍ବରୁ ଥିବା ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ରଦ୍ଦ କରାଯାଇ ନୂତନ ଭାବେ ୩ଟି ଜୋନ୍‌ରେ ୬ଟି ଟିମ୍ ଗଠନ କରାଯାଇଛି । ଟିମ୍‌ର ସମସ୍ତ ସଦସ୍ୟଙ୍କୁ ୟୁନିଫର୍ମ ଦିଆଯାଇଥିବା ବେଳେ ୩ଟି ଜୋନ୍ ପାଇଁ ଜିପିଏସ୍ ସହିତ ଯୋଡ଼ି ହୋଇଥିବା ୩ଟି ଗାଡ଼ିକୁ ନିୟୋଜିତ କରାଯାଇଛି । ଯାହାକୁ ମେୟର ସଂଘମିତ୍ରା ଦଳେଇଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି । ସେହିଭଳି ସହରରେ ଟ୍ରେଡ୍‌ଲାଇସେନ୍ସକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏଥିପାଇଁ ମଧ ସ୍ୱତନ୍ତ୍ର ଡ୍ରାଇଭର ଆରମ୍ଭ ହେବ। ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବାକୁ ଗାଡ଼ି ଓ ଡ଼ାକବାଜି ଯନ୍ତ୍ର ସହାୟତାରେ ନିୟମକୁ ନେଇ ଅବଗତ କରାଯିବ । ଅଗଷ୍ଟ ପହିଲାରୁ ବିଏମ୍‌ସି କାର୍ଯ୍ୟାଳୟର ପୁରୁଣା ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କ୍ୟାମ୍ପ୍ ଖୋଲଯିବ । ଏଠାକୁ ଲୋକେ ସିଧାସଳଖ ଆସି ନିଜର ଦ୍ୱନ୍ଦ୍ୱ ବା ସନ୍ଦେହ ଦୂର କରିପାରିବେ ଏବଂ କ୍ୟାମ୍ପରେ ଉପସ୍ଥିତ କର୍ମଚାରୀ ବ୍ୟକ୍ତି କିମ୍ବା ସଂସ୍ଥାର ପଞ୍ଜିକରଣରେ ସହାୟତା ଯୋଗାଇବେ । ଛୋଟ ହେଉ କି ବଡ଼ ପ୍ରତ୍ୟେକ ବ୍ୟବସାୟୀକ ପ୍ରତିଷ୍ଠାନ ପାଇଁ ଟ୍ରେଡ୍‌ଲାଇସେନ୍ସ ବାଧ୍ୟତାମୂଳକ । ଏଣୁ ଅନ୍‌ଲାଇନ୍‌ରେ ନିଜ ନିଜର ବ୍ୟବସାୟିକ ପ୍ରତିଷ୍ଠାନକୁ ପଞ୍ଜିକରଣ କରିବା ଜରୁରୀ । ନୂତନ ପଞ୍ଜିକରର ଓ ନବୀକରଣ ଉଭୟର ବ୍ୟବସ୍ଥା ଅନ୍‌ଲାଇନ୍ ଜରିଆରେ କରିପାରିବେ । ତେବେ ଯେଉଁ ପ୍ରତିଷ୍ଠାନ ଅଥବା ବ୍ୟକ୍ତିବିଶେଷ ଜାଣିଶୁଣି ପଞ୍ଜିକରଣ କରୁନାହାନ୍ତି ସେମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସଚେତନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କ ବିରୁଦ୍ଧରେ ଜରିମାନା ସହିତ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ। ନିକଟରେ ହୋଇଥିବା ବିଏମ୍‌ସିର ଟେକ୍ସ ଓ ରାଜସ୍ୱ ଷ୍ଟାଣ୍ଡିଂ କମିଟି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବିଏମ୍‌ସିକୁ ବିଭିନ୍ନ ଦିଗରୁ ଆସିବାକୁ ଥିବା ରାଜସ୍ୱ ନେଇ ସମୀକ୍ଷା ବେଳେ ଏହି ଦିଗକୁ ନେଇ ମଧ ଆଲୋଚନା କରାଯାଇଥିଲା । ରାଜସ୍ୱ ଆଦାୟର ବିଭିନ୍ନ ଦିଗ ଓ ସଯୋଗକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉଭୟ କାର୍ଯ୍ୟରେ ସହରବାସୀଙ୍କର ସହଯୋଗ ରହିଲେ ସହରର ଟ୍ରାଫିକ ଭଳି ଜଟିଳ ସମସ୍ୟାର ସମାଧାନ ସହିତ ବିଏମ୍‌ସିର ରାଜସ୍ୱ ବୃଦ୍ଧି ହୋଇପାରିବ ବୋଲି କହିଛନ୍ତି ବିଏମ୍‌ସି କମିଶନର ଶ୍ରୀ ରାଜସିର୍କେ ।

# ନାରୀ ସଶକ୍ତିକରଣ ଉପରେ ଛାତ୍ରୀମାନଙ୍କୁ ପରାମର୍ଶ




**ରାୟଗଡା, ନ୍ୟୁଜ୍‌ବ୍ୟୁରୋ**

ମହିଳା ମହାବିଦ୍ୟାଳୟର ୪୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ସମାରୋହରେ ଅଧ୍ୟକ୍ଷା ଡ଼ ଅର୍ଚ୍ଚନା ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ଼ ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ଜେକେ କାଗଜକଳର ଡ଼ ନୀତା ଦ୍ୱିବେଦୀ ଯୋଗଦାନ କରିଥିଲେ। ସଭାରେ ଶାନ୍ତିଲତା ମିଶ୍ର ସଂଯୋଜିକା ଅତିଥି ମାନଙ୍କର ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷା ଡ଼ ପଟ୍ଟନାୟକ ନିଜ ଅଭିଭାଷଣରେ କଲେଜ ଇତିହାସ ସହ ବର୍ତ୍ତମାନର ଉନ୍ନତି ବିବରଣୀ ପ୍ରଦାନ କରିଥିଲେ ।ପ୍ରଫେସର ଡ଼ ମହାନ୍ତି ଅନୁଷ୍ଠାନର ଶୈଶବ ଅବସ୍ଥା ଏବଂ ସଦସ୍ୟ ମାନଙ୍କର ଅବଦାନ ସହ ଛାତ୍ରୀ ମାନଙ୍କର ସଫଳତାର ଗାଥା ଗାନ କରିଥିଲେ। ଡ଼ ଦ୍ୱିବେଦୀ ନିଜର ଅଭିଭାଷଣରେ ନାରୀ ଜାଗରଣ ଉପରେ ଗୁରୁତ୍ୱ ଦେବା ସହିତ ନାରୀ ସଶକ୍ତିକରଣ ଉପରେ ଛାତ୍ରୀଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର ନିଜ 'ନିଜକୁ ନିଜେ ଚିହ୍ନନ୍ତୁ' ଏବଂ ନିଜର ଚିନ୍ତାଧାରା କାର୍ଯ୍ୟରେ ପରିଣତ କରିବା ସହିତ ଚିନ୍ତନ ଦ୍ୱାରା ବଡ଼ ନୁହେଁ ଭଲ ମଣିଷ ହୁଅ ବୋଲି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ କୃପାସିନ୍ଧୁ ପାଣିଗ୍ରାହୀ, ଅଧ୍ୟାପିକା ଡ଼ ରଞ୍ଜିତା ପାଣିଗ୍ରାହୀ, ବିମଳା କ୍ୟାଥରିନା ମହାନ୍ତି ଏବଂ ସଫଳତାର ସହ ଉର୍ତ୍ତୀର୍ଣ୍ଣ ହୋଇ ଥିବା ବିଭିନ୍ନ ବିଭାଗର ଶ୍ରେଷ୍ଠ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ତଥା ଛାତ୍ରୀ ସଂଘ ସହ ଉପଦେଷ୍ଟା ରୌମ୍ୟ ରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଯାଜପୁର ଜିଲ୍ଲାର ମୋଟ ୧,୬୬, ୪୬୨ କୃଷକ ପାଇଲେ ପି.ଏମ କିଷାନ ସମ୍ମାନ ନିଧି ସହାୟତା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଉତ୍ତର ପ୍ରଦେଶର ବାରଣାସୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପି.ଏମ କିଷାନର ୨୦ ତମ କିସ୍ତି ଲୋକାର୍ପଣ ଉପଲକ୍ଷେ ତାହାର ସିଧା ପ୍ରସାରଣ ଜିଲ୍ଲାସ୍ତରୀୟ ସମାନ୍ତରାଳ ପି.ଏମ କିଷାନ ଉତ୍ସବ ଦିବସରେ ପ୍ରସାରିତ କରାଯାଇଥିଲା।

ଉକ୍ତ ସମାରୋହ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ଭବନ, ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି।

ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଯାଜପୁର ଜିଲ୍ଲାର ମୋଟ ୧ ଲକ୍ଷ ୬୬ ହଜାର ୪୬୨ ଜଣ କୃଷକ ଏହି ୨୦ ତମ କିସ୍ତିରେ ୨୦୦୦ ହିସାବରେ ପି.ଏମ କିଷାନ ସମ୍ମାନ ନିଧି ସହାୟତା ପ୍ରାପ୍ତ କରିଛନ୍ତି। ଜିଲ୍ଲାର ୧୦୦ ଜଣ ହିତାଧିକାରୀ କୃଷକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମାରୋହରେ ସିଧା ପ୍ରସାରଣ ଦର୍ଶନ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ବେହେରା ତଥା କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ। ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣର ଆୟୋଜନରେ ସହାୟତା କରିଥଲେ। ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, କୃଷି ଆନୁଷଙ୍ଗିକ ବିଭାଗ ତଥା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ସହକାରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଯାଜପୁର ରୋଡ, ସମସ୍ତ ବ୍ଲକ୍ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସଦର ମହକୁମାରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଅଡିଟରିୟମ ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ଶୁଭେଚ୍ଛା ଜଣେଇବା ସହ ସ୍ୱାଧୀନତା ଦିବସ ଦିନ ହେବାକୁ ଥିବା ସମସ୍ତ କାର୍ଯ୍ୟସୂଚୀ ଏବଂ ଏହାର ପ୍ରାକ ପ୍ରସ୍ତୁତି ସମ୍ପର୍କୀୟ ସମସ୍ତ କାର୍ଯ୍ୟ ଖସଡ଼ା ବର୍ଣନା କରିଥିଲେ। ଏହି ଐତିହାସିକ ଜାତୀୟ ଦିବସକୁ ଆନନ୍ଦ ଓ ଉଲ୍ଲାସ ସହ ପାଳନ କରିବା ନିମନ୍ତେ ଦିବସ ବ୍ୟାପୀ ସମସ୍ତ କାର୍ଯ୍ୟକ୍ରମ ଗୁଡିକର ଆଲୋଚନା କରାଯାଇ ନିଷ୍ପତି ନିଆଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଅନୁଯାୟୀ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରତ୍ୟୁଷ ଘ.୪ଟିକାରେ ସହରାଞ୍ଚଳରେ ରାମଧୁନ୍ ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ଘଟିକାରୁ ଘ୭.୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୪୫ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଆନୁଷ୍ଠାନିକ ସମ୍ମିଳିତ ପ୍ୟାରେଡ୍ ପରିଦର୍ଶନ ଓ ଅଭିବାଦନ ଗ୍ରହଣ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ୟାରେଡ୍ ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଏବଂ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରା ଗଲା ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୩ ଅଗଷ୍ଟ ୨୦୨୫ ରବିବାର





## ବଳଙ୍ଗା ପୀଡିତାଙ୍କ ମୃତ୍ୟୁରେ ନବୀନଙ୍କ ଗଭୀର ଦୁଃଖ ପ୍ରକାଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବଳଙ୍ଗା ପୀଡିତାଙ୍କ ବିୟୋଗ ଖବର ପାଇ ବିରୋଧୀ ଦଳ ନେତା ନବୀନ ପଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ସ୍ୱାୟତ ଶାସନ ଦିବସ ପାଇଁ ବିଏମ୍‌ସିର ପ୍ରସ୍ତୁତି ନିମନ୍ତେ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଚଳିତ ମାସ ୩୧ ତାରିଖ ଦିନ ହେବାକୁ ଥିବା ସ୍ୱାୟତ ଶାସନ ଦିବସ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶ୍ରୀମତୀ ସସ୍ମିତା ସାହୁ, ସିଟି ଇଂଜିନିୟର ବିଳାଶ କୁମାର ବେହେରା, ସଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷରାମଚନ୍ଦ୍ର ରଣସିଂହ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ବହୁ କର୍ପୋରେଟର, ବିଏମ୍ ସିର ସମସ୍ତ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ସ୍ୱାୟତ ଶାସନ ଦିବସ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯିବ । ଚଳିତ ବର୍ଷ ପରି ଏ ବର୍ଷ ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ତେବେ ଚଳିତ ବର୍ଷ କ୍ରିକେଟ ସହ ଫୁଟବଲ ଖେଳକୁ ମଧ୍ୟ ସାମିଲ କରାଯାଇଛି । ଏହା ବ୍ୟତୀତ ଚେସ୍, କ୍ୟାରେମ୍, ବ୍ୟାଡ ମିଣ୍ଟନ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ଇନ୍‌ଡୋର ଓ ଆଉଟ୍ ଡୋର୍ ଗେମ୍ସ, ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ବିଏମ୍‌ସିର କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିପାରିବେ । ଏହି ସମସ୍ତ କାର୍ଯ୍ୟ ବିଏମ୍‌ସିର ରିକ୍ରିଏସନ କ୍ଲବ ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଛି । ସେହିପରି ସେପ୍ଟେମ୍ବର ୨ ତାରିଖ ଦିନ ବିଏମ୍‌ସି ରିକ୍ରିଏସନ କ୍ଲବ ପକ୍ଷରୁ ରବିନ୍ଦ୍ର ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଏହା ବ୍ୟତୀତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହେବ । ସେହିପରି ବିଏମ୍ ସିର ତିନୋଟି ଜୋନରୁ ୩ଜଣଙ୍କୁ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ନଗର ବନ୍ଧୁ ପୁରସ୍କାର ପ୍ରଦାନ କରାଯିବ । ତିନୋଟି ଜୋନର ୩ଟି ୱାର୍ଡକୁ ଶ୍ରେଷ୍ଠ ସ୍ୱଚ୍ଛ ୱାର୍ଡ ଘୋଷଣା କରାଯିବ। ବିଏମ୍‌ସି ଅଂଚଳରେ ଥିବା ବିଭିନ୍ନ ପାର୍କରେ ବରିଷ୍ଠ ନାଗରିକ ସଂଗଠନ, ସଂଘ ପକ୍ଷରୁ ସ୍ୱାୟତ ଶାସନ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏମାନେ ଗୋଷ୍ଠୀ ସହଯୋଗରେ କିଛି କିଛି କାର୍ଯ୍ୟକ୍ରମ କରାଇବେ । କର୍ପୋରେଟର ମାନଙ୍କର ସହଯୋଗ ନେବା ସାଙ୍ଗକୁ ୱାର୍ଡ ଅଫିସରମାନେ ଏଥିରେ ସହଯୋଗ କରିବେ । ସେମାନେ ନିଜ ପାର୍କ କାର୍ଯ୍ୟକ୍ରମର ଫଟୋ ପଠାଇବେ। ବିଏମ୍‌ସି ଅଞ୍ଚଳର ମାଟ୍ରିକ ଓ ଯୁକ୍ତ ଦୁଇ ଟପ୍ପରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ଅଗଷ୍ଟ ୩୧ ତାରିଖ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ସକାଳ ୮ଟାରେ ବିଏମ୍‌ସି ମୁଖ୍ୟାଳୟରେ ପତାକା ଉତ୍ତୋଳନ କରାଯିବ । ପରେ ବିଭିନ୍ନ ଆଶ୍ରୟସ୍ଥଳରେ ରହିଥିବା ବୃଦ୍ଧ, ବୃଦ୍ଧାଙ୍କୁ ଫଳ, ମିଷ୍ଟାନ୍ନ ଇତ୍ୟାଦି ବଣ୍ଟନ କରାଯିବ । ପୂର୍ବାହ୍ନରେ ବିଏମ୍‌ସି ପକ୍ଷରୁ କାର୍ଯ୍ୟ ଶେଷଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍ଘାଟନ କରାଯିବ। ସଂଧ୍ୟା ସମୟରେ ଜୟଦେବ ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ମାନପତ୍ର ପ୍ରଦାନ ପ୍ରଦାନ ପୂର୍ବକୁ ସମ୍ବର୍ଦ୍ଧିତ କରାଯିବାକୁ ଆଜିର ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଚିକିତ୍ସା ବିଜ୍ଞାନର ସମନ୍ୱୟ ପାଇଁ ଅର୍ଥପୂର୍ଣ୍ଣ ମନ୍ଥନ ଆରମ୍ଭ

ହରିଦ୍ୱାର :
ପତଞ୍ଜଳି ବିଶ୍ୱବିଦ୍ୟାଳୟ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ମିଳିତ ତତ୍ତ୍ୱାବଧାନରେ ଏକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଆୟୁର୍ବେଦ ଏବଂ ଆଧୁନିକ ଚିକିତ୍ସାର ସମନ୍ୱୟ ଏବଂ ସମନ୍ୱୟ ଲକ୍ଷ୍ୟରେ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ୧୬ଟି ରାଜ୍ୟର ପ୍ରାୟ ୨୦୦ ଶିକ୍ଷାନୁଷ୍ଠାନରୁ ୩୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଦେଶର ବିଭିନ୍ନ ଉଚ୍ଚତର ଚିକିତ୍ସା ଏବଂ ଶିକ୍ଷାନୁଷ୍ଠାନର ଚିକିତ୍ସା ବିଶେଷଜ୍ଞ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଶେଷଜ୍ଞ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମତାମତ ବାଣ୍ଟିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପୂଜ୍ୟ ସ୍ୱାମୀ ରାମଦେବ ମହାରାଜ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଜନ କଲ୍ୟାଣକୁ ଦୃଷ୍ଟିରେ ରଖି ଏମ୍ସ, ଟାଟା କର୍କଟ ହସ୍ପିଟାଲ ଏବଂ ସାର୍ ଗଙ୍ଗା ରାମ ହସ୍ପିଟାଲର ସହଯୋଗରେ ଆଧୁନିକ ପଦ୍ଧତି ବ୍ୟବହାର କରି ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲରେ କମ୍ ମୂଲ୍ୟରେ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦିଆଯିବ। ଉଦ୍‌ଘାଟନୀ ଅଧିବେଶନରେ ଯୋଗ ଋଷି ସ୍ୱାମୀ ରାମଦେବ, ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକୃଷ୍ଣଙ୍କ ସମେତ ଅତିଥିମାନେ ତିନୋଟି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଆୟୁର୍ବେଦ ଅବତାରଣ, ସମନ୍ୱିତ ତଥ୍ୟ ଏବଂ ସମ୍ମିଳନୀର ସାରାଂଶ ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। ଏହି ସମୟରେ ଶିକ୍ଷା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଡକ୍ଟର ଶ୍ରେୟା, ଡକ୍ଟର ରାଧିକା ଏବଂ ଡକ୍ଟର ମୁକେଶ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଳକୃଷ୍ଣଙ୍କ ମଧ୍ୟରେ ଏକ ପାରସ୍ପରିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।



ପ୍ରମାଣ-ଆଧାରିତ ଔଷଧ ସହିତ ସମନ୍ୱିତ ଔଷଧର ଗୁରୁତ୍ୱ ଉପରେ ଆଲୋକପାତ କରି ସ୍ୱାମୀ ରାମଦେବ କହିଛନ୍ତି ଯେ ଚିକିତ୍ସା ବିଜ୍ଞାନ ଟଙ୍କା ରୋଜଗାର ପାଇଁ ନୁହେଁ, ବରଂ ଜନ କଲ୍ୟାଣ ପାଇଁ ହେବା ଉଚିତ। ବିଶ୍ୱବ୍ୟାପୀ ପ୍ରସିଦ୍ଧ ୯ଟି ଚିକିତ୍ସା ବ୍ୟବସ୍ଥା ବିଷୟରେ ଆଲୋଚନା କରିବା ସମୟରେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି ଯେ ଆୟୁର୍ବେଦ ଏହାର କ୍ଷମତା ପାଇଁ ଜଣାଶୁଣା ଯେତେବେଳେ ଅନ୍ୟ ବ୍ୟବସ୍ଥାଗୁଡ଼ିକ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ପରମ୍ପରା ପାଇଁ ଜଣାଶୁଣା। ସେ ମହର୍ଷି ଚରକ ଏବଂ ଆଚାର୍ଯ୍ୟ ସୁଶ୍ରୁତଙ୍କ ସମୟ ବିଷୟରେ ଶାସ୍ତ୍ରୀୟ ପ୍ରମାଣ, ଭୌଗୋଳିକ ଏବଂ ପରିବେଶଗତ ପ୍ରମାଣ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲରେ ଆଧୁନିକ ଚିକିତ୍ସା ବ୍ୟବସ୍ଥା ମାଧ୍ୟମରେ କମ୍ ମୂଲ୍ୟରେ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦିଆଯିବ ଏବଂ ଔଷଧ ନାମରେ ଷଡ଼ଯନ୍ତ୍ର ଏବଂ ଲୁଟପାଟ୍‌କୁ ବନ୍ଦ କରିବା ପାଇଁ କାର୍ଯ୍ୟ କରାଯିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉପ-କୁଳପତି ପ୍ରଫେସର ଶ୍ରୀନିବାସ ବର୍ଖେଡି, ଡକ୍ଟର ବିପିନ କୁମାର ମହାସଚିବ ସମନ୍ୱିତ ଆୟୁଷ ପରିଷଦ, ଡକ୍ଟର ସୁନୀଲ ଆହୁଜା, ପଦ୍ମଶ୍ରୀ ଡକ୍ଟର ବିଏନ ଗଙ୍ଗାଧର ଅଧ୍ୟକ୍ଷ ଜାତୀୟ ଚିକିତ୍ସା କମିଶନ, ଡକ୍ଟର ବିଶାଲ ମାଗୋ ପ୍ରଫେସର ଏବଂ ବର୍ଣ୍ଣ ଓ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ମୁଖ୍ୟ ଋଷିକେଶ ମଧ୍ୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଡକ୍ଟର ବିଏନ ଗଙ୍ଗାଧର ଅଧ୍ୟକ୍ଷ ଜାତୀୟ ଚିକିତ୍ସା କମିଶନ ଏବଂ ପ୍ରଫେସର ଡି ଗୋପାଳ ସି ନନ୍ଦ ଅଧ୍ୟକ୍ଷ କ୍ଷମତାପ୍ରାପ୍ତ କମିଟି ଆୟୁଷ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। ଏଥିରେ ୫ ଜଣ ବକ୍ତା ଯଥା ପ୍ରଫେସର ବୈଦ୍ୟ ରାକେଶ ଶର୍ମା, ଗୁରୁ ରବିଦାସ ଆୟୁର୍ବେଦ ବିଶ୍ୱବିଦ୍ୟାଳୟ, ହୋସିଆରପୁର, ପଞ୍ଜାବ, ଡକ୍ଟର ମନୁ ମାଲହୋତ୍ରା, ପ୍ରଫେସର ଏବଂ ବିଭାଗ ମୁଖ୍ୟ, ଇଏନ୍‌ଟି ବିଭାଗ, ଏମ୍ସ ଋଷିକେଶ, ପ୍ରଫେସର ପୁଲକ ମୁଖାର୍ଜୀ, ଜାଦବପୁର ବିଶ୍ୱବିଦ୍ୟାଳୟ, କୋଲକାତା ସେମାନଙ୍କର ଗବେଷଣା ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ପରମ ପୂଜ୍ୟ ସ୍ୱାମୀ ରାମଦେବ ଜୀ ମହାରାଜ ଏବଂ ଉପ-କୁଳପତି ପରମ ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ମହାରାଜ ମୁଖ୍ୟ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି, ଅଙ୍ଗବସ୍ତ୍ର ଏବଂ ଗଙ୍ଗାଜଳ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହା ପରେ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଚନ୍ଦ୍ରମୋହନ ଏବଂ ତାଙ୍କ ଗୋଷ୍ଠୀଙ୍କ ଦ୍ୱାରା କୁଳ ଗୀତ ଏବଂ ଧନ୍ୱନ୍ତରୀ ବନ୍ଦନା ଉପସ୍ଥାପନ ସହିତ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହା ପରେ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ଡକ୍ଟର ଅନୁରାଗ ଜୀ ସ୍ୱାଗତ ଭାଷଣ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ପ୍ରାୟ ...

ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି । ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି । ଏଥିରେ ସମସ୍ତ ଚାଷୀ- ସେ କ୍ଷୁଦ୍ରଚାଷୀ ହୁଅନ୍ତୁ, ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି । ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।ଆଜିର ଏହି ଦିନକୁ ଆମେ ପି.ଏମ - କିଷାନ ଦିବସ ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ । ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ୍ୟ ପି.ଏମ- କିଷାନ ଦିବସ ପାଳନ କରାଯାଉଛି । ଏହି ଅବସରରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକମାନଙ୍କ ମଧ୍ୟରେ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ ଯେ ପି.ଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ମୋର ଲକ୍ଷ୍ୟ । ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ । ଆପଣମାନେ ଏବେ ଖରିଫ୍ ଫସଲ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆପଣମାନଙ୍କ ପାଇଁ କରିଥିବା ଅନେକ ଯୋଜନାରୁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା, ଯେଉଁଥିରେ ଆପଣମାନେ ସିଧାସଳଖ ଅର୍ଥରାଶି ପାଉଛନ୍ତି। ନିୟମିତ କୃଷି କାର୍ଯ୍ୟ ସହିତ ଆପଣ ମାନେ ଫସଲରେ ବିବିଧିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତୁ। ମତ୍ସ୍ୟ ଚାଷ, ପଶୁପାଳନ ଭଳି ଲାଭ ଦାୟକ କୃଷି କରନ୍ତୁ। ଏହାଦ୍ୱାରା ଅଧିକ ଅମଳ କରିପାରିବେ ଓ ଆର୍ଥିକ ସ୍ତରରେ ଲାଭବାନ ମଧ୍ୟ ହୋଇପାରିବେ। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦୁଇଗୁଣିତ ନୁହେଁ ବରଂ ବହୁ ଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ । ସେ ଆହୁରି କହିଥିଲେଯେ ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ସମୃଦ୍ଧ କୃଷକ ଯୋଜନାରେ ଆପଣମାନଙ୍କୁ ଆମେ ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରୁଛୁ । ଗତ ବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ଆମେ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛୁ । ସେହିପରି ରବି ଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକା ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆପଣମାନେ ଭଲଭାବରେ ଜାଣିଛନ୍ତି । ତାଙ୍କ ନେତୃତ୍ୱରେ ଦେଶ ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା କରୁଛି । କୃଷି କ୍ଷେତ୍ରରେ ମଧ୍ୟ ଭାରତ ବିକଶିତ ରାଷ୍ଟ୍ରମାନଙ୍କ ସହିତ ଧିରେ ଧିରେ ସମକକ୍ଷ ହେଉଛି । ଆସନ୍ତୁ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ୍ ହେବା। ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଆମର ଯୋଗଦାନ ରଖିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ ଓଡ଼ିଶାକୁ ଏଗ୍ରିକଲଚର ଟୁଡ଼େ ପୁରସ୍କାର ମିଳିଛି । ୩୪,୮୫,୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଉଛି । ଏହି ରାଶିରେ ଚାଷୀ ମାନେ ବିହନ ସାର କିଣିବେ । ରାଜ୍ୟ ସରକାର କୃଷକଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଚେଷ୍ଟିତ । ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କା କରି ଚାଷୀଙ୍କ ଆୟ ବଢାଇଛୁ। କେବଳ ଧାନ ଚାଷ ନ କରି ବିଭିନ୍ନ ପ୍ରକାର ତୈଳବୀଜ ଚାଷ କରିବା ସହିତ ମୃତ୍ତିକା ସଂରକ୍ଷଣ ପାଇଁ ବିକଳ୍ପ ଚାଷ କରିବାକୁ ଅନୁରୋଧ କରିଛନ୍ତି । ପଇସା କମେଇବା ସହିତ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଅର୍ଗାନିକ୍ ଉପାୟରେ ଚାଷ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ, ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ, ବାବୁ ସିଂ, ଖୋର୍ଦ୍ଧା ବିଧାୟକ, ପ୍ରଶାନ୍ତ ଜଗଦେବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଡେପୁଟି ଡାଇରେକ୍ଟର ଜେନେରାଲ, ଆଇ.ସି.ଏ.ଆର, ଡକ୍ଟର ଜେ.କେ ଜେନା, ଡାଇରେକ୍ଟର, ଆଇ.ସି.ଏ.ଆର-ସିଫା, ଡକ୍ଟର ପି.କେ ସାହୁ, ଡାଇରେକ୍ଟର, ଉଦ୍ୟାନ କୃଷି, ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ, ଅମୃତ ଋତୁରାଜ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ।

### ୯.୭୦ କୋଟି ...

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମଞ୍ଚରେ ପହଞ୍ଚିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ ।

### ମହାନଦୀ ଜଳ...

ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଏବଂ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିବା ଚିଠିକୁ ଉପସ୍ଥାପନ କରିଥିଲେ । ଛତିଶଗଡ଼ ସରକାରଙ୍କ ବରିଷ୍ଠ ଓକିଲ୍ ମଧ୍ୟ ଏହି ଜଳବିବାଦର 'ଆପୋଷ ସମାଧାନ ପ୍ରସ୍ତାବ' ଏବେ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକ୍ରିୟ ବିଚାରାଧୀନ ରହିଥିବା ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ।

### ଦୁଷ୍କର୍ମ ମାମଲାରେ...

ଦୁଷ୍କର୍ମ ଅଭିଯୋଗ ହେବା ପରେ ସେ ୨୦୨୪ରେ ଜର୍ମାନୀକୁ ଫେରାର ହୋଇଯାଇଥିଲେ। ମେ ୩୧ରେ ସେ ଭାରତ ଆସିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ଏସଆଇଟି ପକ୍ଷରୁ ୧୮୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଶୁଣାଣି ସମୟରେ ୨୬ ଜଣ ସାକ୍ଷୀଙ୍କୁ ବୟାନଙ୍କୁ ଭିତ୍ତି କରି କୋର୍ଟ ପ୍ରଜ୍ୱଳଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତାଙ୍କ ବିରୋଧରେ ଆହୁରି ୩ଟି ମାମଲା ଏବେ ବି ବିଚାରାଧୀନ ରହିଛି।

### ଲିଭ୍-ଇନରେ ...

ମହାନଗରୀଗୁଡ଼ିକରେ ପ୍ରତି ୧୦ ଜଣ ଦମ୍ପତିଙ୍କ ମଧ୍ୟରୁ ୧ ଜଣ ଲିଭ-ଇନ ସମ୍ପର୍କରେ ରହୁଛନ୍ତି। ଭାରତର ଉତ୍ତରାଖଣ୍ଡରେ ୟୁନିଫର୍ମ ସିଭିଲ କୋଡ ଲାଗୁ ହେବା ପରେ ପ୍ରଥମ ଥର ପାଇଁ, ଏକ ଦମ୍ପତି ଲିଭ-ଇନ ସମ୍ପର୍କରେ ରହିବା ପାଇଁ ଆଇନଗତ ସ୍ୱୀକୃତି ପାଇଛନ୍ତି। ଲିଭ-ଇନ ସମ୍ପର୍କରେ ରହୁଥିବା ଜଣେ ମହିଳାଙ୍କୁ ଘରୋଇ ସମ୍ପର୍କରେ ବିବେଚନା କରାଯାଏ। ଲିଭ-ଇନ ସମ୍ପର୍କରେ ରହୁଥିବା ଜଣେ ମହିଳା ଘରୋଇ ହିଂସା ଏବଂ ଭରଣପୋଷଣ ବିରୁଦ୍ଧରେ ଆଇନଗତ ସୁରକ୍ଷା ମାଗିପାରିବେ। ଯଦି ଦୀର୍ଘ ସମୟ ଧରି ଲିଭ-ଇନ ସମ୍ପର୍କରେ ରହୁଥିବା ଜଣେ ମହିଳା ତାଙ୍କ ସାଥୀଙ୍କ ସହ ସମ୍ପର୍କ ଭାଙ୍ଗିଯାଏ, ତେବେ ସେହି ମହିଳା ଭରଣପୋଷଣ ଦାବି କରିପାରିବେ। ଲିଭ-ଇନ ସମ୍ପର୍କରେ ରହୁଥିବା ଜଣେ ମହିଳାଙ୍କର ତାଙ୍କ ସାଥୀଙ୍କ ଘରେ ରହିବାର ଅଧିକାର ଅଛି। ଯଦି ସେ ଏପରି କରିବାକୁ ମନା କରନ୍ତି, ତେବେ ମହିଳା ଆଇନଗତ ଭାବରେ ତାଙ୍କର ଅଧିକାର ନେଇପାରିବେ। ଲିଭ-ଇନ ସମ୍ପର୍କରେ ଜନ୍ମିତ ପିଲାମାନଙ୍କୁ ଆଇନଗତ ଭାବରେ ବୈଧ ବୋଲି ବିବେଚନା କରାଯାଏ। ସେମାନଙ୍କର ପିତାଙ୍କ ଉପରେ ପୁଅ ପରି ସମାନ ଅଧିକାର ରହିବ। ପିତାଙ୍କ ଦ୍ୱାରା ଅର୍ଜିତ ସମ୍ପତ୍ତିରେ ପିଲାର ଅଧିକାର ଅଛି।

## କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର କାର୍ଯ୍ୟ କରୁଛନ୍ତି : ଉପମୁଖ୍ୟମନ୍ତ୍ରୀ

**ପୁରୀ, ନ୍ୟୁଜ ବ୍ୟୁରୋ**
ଉତ୍ତର ପ୍ରଦେଶର ବାରଣାସୀଠାରେ ତା ୦୨.୦୮.୨୦୨୫ ରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପି.ଏମ କିଷାନର ୨୦ତମ କିସ୍ତି ଲୋକାର୍ପଣ ଉପଲକ୍ଷେ ତାହାର ସିଧା ପ୍ରସାରଣ ସାକ୍ଷୀ ଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ସମାନ୍ତରାଳ ପି.ଏମ କିଷାନ ଉତ୍ସବ ଦିବସରେ ପ୍ରସାରିତ କରାଯାଇଥିଲା। ଉକ୍ତ ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କୃଷି ଓ କୃଷକ ର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ସରକାର ଦେଇଥିବା କଥାକୁ ପାଳନ କରିଛନ୍ତି। ଧାନ ସଂଗ୍ରହ ବେଳେ କ୍ୟୁଂଟାଲ ପିଛା ୮୦୦ ଟଙ୍କା ର ଅତିରିକ୍ତ ସହାୟତା ରାଶି ମଧ୍ୟ ପ୍ରଦାନ କରିଛନ୍ତି। ଚାଷକୁ ଦ୍ୱିଗୁଣିତ କରିବା ସହ କୃଷକ ଭାଇର ସର୍ବାଙ୍ଗୀନ ବିକାଶ ପାଇଁ ସରକାର କାର୍ଯ୍ୟ କରିଚାଲିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଜିଲ୍ଲାର ମୋଟ ୧ ଲକ୍ଷ ୬୦ହଜାର ୫୨୬ ଜଣ କୃଷକ ଏହି ୨୦ ତମ କିସ୍ତିରେ ୨୦୦୦ ହିସାବରେ ପି.ଏମ କିଷାନ ସମ୍ମାନ ନିଧି ସହାୟତା ମାଧ୍ୟମରେ ୩୨୧୦୫୨୦୦୦ ଟଙ୍କା ପ୍ରାପ୍ତ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଓୟୁଏଟି ର ଡିନ ଡଃ ପ୍ରସନ୍ନ ଜିତ ମିଶ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତପନ କୁମାର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡଃ ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି ଓ କୃଷକ ର ବିକାଶ, ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା, ସହାୟତା ଓ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ସବସିଡ ମାଧ୍ୟମରେ ବିଭିନ୍ନ କୃଷି ଉପକରଣ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ର ଗୋ ଆହେଡ ସାର୍ଟିଫିକେଟ ବା ଅଗ୍ରଗତି ପ୍ରମାଣ ପତ୍ର ବଣ୍ଟନ କରିଥିଲେ।
ଉକ୍ତ ସଭାରେ କୃଷି ଆନୁଷଙ୍ଗିକ ବିଭାଗ ତଥା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ସହକାରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲ୍ଲା କୃଷି ଅଧିକାରୀ, ସମସ୍ତ ବ୍ଲକ୍ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଓ ୨୦୦ରୁ ଉର୍ଦ୍ଧ୍ୱ କୃଷକ ଉପସ୍ଥିତ ଥିଲେ।

## ମହାନଦୀ ଜଳ ବିବାଦ ସମାଧାନ ପାଇଁ ଟ୍ରିପଲ ଇଞ୍ଜିନ ସରକାରର ଆନ୍ତରିକତା ନାହିଁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ମାଧ୍ୟମରେ ଦେଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ଉତ୍ତର ଆସିବା ପରେ ବିଜୁ ଜନତା ଦଳ ତା'ର ପ୍ରତିକ୍ରିୟା ରଖିଛି।
ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଛତିଶଗଡ଼ର ସରକାରଙ୍କ ଦ୍ୱାରା ମହାନଦୀର ଉପର ମୁଣ୍ଡରେ ଯେପରି ଭାବେ ଅନେକ ଗୁଡିଏ ବ୍ୟାରେଜ ନିର୍ମାଣ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ସରକାରଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା । ହେଲେ ସେତେବେଳର ଛତିଶଗଡ଼ର ରମଣ ସିଂଙ୍କ ନେତୃତ୍ୱାଧିନ ବିଜେପି ସରକାର କର୍ଣ୍ଣପାତ କରିନଥିଲେ । ପରେ ୨୦୧୬ ମସିହାରେ, ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଶ୍ରୀମତୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ରମଣ ସିଂ ଓ ଉଭୟ ରାଜ୍ୟର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ, କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନମିଳିବାରୁ, ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇନଥିଲା। ଏହାପରେ, ଓଡିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି । ଶ୍ରୀ ମିଶ୍ର ଆହୁରି କହିଥିଲେ, ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ହେବ ବୋଲି ପୁଣିଥରେ ଏହାର ଆଲୋଚନା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଜୁଲାଇ ୨୪, ୨୦୨୫ରେ ଏହି ପ୍ରସ୍ତାବିତ ଆପୋଷ ଆଲୋଚନାରେ କେଉଁ କେଉଁ ବିନ୍ଦୁରେ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରାଯାଉଛି, ତାହା ରାଜ୍ୟର ସ୍ୱାର୍ଥର ପରିପନ୍ଥୀ ନୁହେଁ ତ ବୋଲି ପ୍ରଶ୍ନ କରିଥିଲେ । ଉଲ୍ଲେଖଯୋଗ୍ୟ, ଅଣ ମୌସୁମୀ ସମୟରେ, ଓଡିଶାକୁ ଆବଶ୍ୟକୀୟ ଜଳର ଆବଶ୍ୟକତା ରହିଛି ଓ ଏହା ବିନା ଓଡିଶା ଜଳ ସଙ୍କଟର ସମ୍ମୁଖୀନ ହେବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ।
ଏହି ଚିଠିରେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି । କିନ୍ତୁ, ଏହି ଆପୋଷ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ୱଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ । ତେଣୁ ଏ ବିଷୟରେ ପ୍ରଥମେ ସ୍ୱଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗ ଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ୱଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ ।



## କଂଗ୍ରେସ ଆଦିବାସୀ ବିଭାଗ ପ୍ରତିନିଧି ଦଳର ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ପ୍ରଦେଶ କଂଗ୍ରେସର ଆଦିବାସୀ ବିଭାଗ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଆଦିବାସୀଙ୍କ ଅଧିକାର, ଶିକ୍ଷା ଏବଂ ଜୀବନ ଜୀବିକା ସମ୍ବଳିତ ୧୧ ଦଫା ଦାବି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପେସା ଆଇନ ପାଇଁ ନିର୍ଦ୍ଦେଶାବଳୀ ବା ରୁଲ୍ ଆଣିବା ପାଇଁ ଦାବିରେ ଉଲ୍ଲେଖ କରାଯାଇଛି । ବହୁଭାଷିକ ଶିକ୍ଷା ଯୋଜନାରେ ୨୦୧୪ ପରଠାରୁ ଆଉ ଅଧିକ ବିଦ୍ୟାଳୟ ସାମିଲ କରାଯାଇନାହିଁ କିମ୍ବା ଏଥି ନିମନ୍ତେ ଭାଷା ଶିକ୍ଷକ ନିଯୁକ୍ତି କରାଯାଇନାହିଁ। ଯାହା ଫଳରେ ଅନେକ ପିଲା ମାତୃଭାଷାରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଅଛି । ଜଙ୍ଗଲ ଅଧିକାର ଆଇନର ଜମି ଶିରୋନାମା ଆଧାରରେ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଜାତି ସାର୍ଟିଫିକେଟ ଦିଆଯାଉନାହିଁ। ଯାହା ଦ୍ୱାରା ଲୋକେ ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଗୋଷ୍ଠୀ ଜଙ୍ଗଲ ଅଧିକାର କେବଳ ୧୩ ପ୍ରତିଶତ ସାମ୍ଭାବ୍ୟ ଗାଁକୁ ଦିଆ ଯାଇଛି । ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ସମୟରେ ସ୍କୋଲାରସିଫ ମିଳୁ ନଥିବାରୁ ପିଲାମାନଙ୍କ ପାଠପଢ଼ାରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି । ୨୦୧୫ ମସିହାରେ ଓଡ଼ିଶା ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଲାଗୁ କରିବା ପାଇଁ ନିଷ୍ପତି ଦେଇଥିଲେ, ମାତ୍ର ଦୁଃଖର ବିଷୟ ଓଡ଼ିଶା ସରକାର ବୃତିଗତ ଏବଂ ବୈଷୟିକ ଶିକ୍ଷାରେ ୨୩ ପ୍ରତିଶତ ବଦଳରେ କେବଳ ୧୨ ପ୍ରତିଶତ ପ୍ରଦାନ କରୁଛନ୍ତି । ଏହା ଦ୍ୱାରା ବହୁ ମେଧାବୀ ଆଦିବାସୀ ଛାତ୍ର ବୃତିଗତ ଏବଂ ବୈଷୟିକ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏହିଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଓପିସିସି ଦ୍ୱାରା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।
ଏଥିରେ ପ୍ରଦେଶ କଂଗ୍ରେସ କମିଟିର ୩ ସମ୍ପାଦକ ଲକ୍ଷ୍ମୀଧର ସିଂ, ଅନିମା ମିଞ୍ଜ ଓ ମୋହନ ହେମ୍ବ୍ରମ ଏବଂ ବରିଷ୍ଠ ଆଦିବାସୀ ନେତ୍ରୀ ରଞ୍ଜିତା ହେମ୍ବ୍ରମ, ଆଦିବାସୀ ନେତା ମାତରାସ ଡୁଙ୍ଗଡୁଙ୍ଗ, କଟକ ଜିଲ୍ଲା କଂଗ୍ରେସର ଯୁବନେତା ଆକ୍ୟୁବ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ୟାମ୍ପ କୋର୍ଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଶନିବାର ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
E_mail: eerwkesinga@yahoo.com
O-522
e-Procurement Notice
BID IDENTIFICATION NO. RWKSNG-online-02/25-26

1. Name of works : Building works, (As per annexure)
2.Total No. of work : 2 Nos.
3. Estimated Cost : Rs. 20.84 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : 'B & C' Class
7. Period of completion : As per annexure
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG-online-02/25-26 | 01.08.2025 at 11.00 A.M | 16.08.2025 upto 17.00 P.M. | 08.08.2025 upto 11.00 A.M | 18.08.2025 at 11.00 A.M |

Further details can be seen from the Website i.e www.tenderodisha.gov.in.

Executive Engineer
Rural Works Division,
Kesinga

OIPR-25153/11/0014/2526

ଭୁବନେଶ୍ୱର
୦୩ ଅଗଷ୍ଟ,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଗୋବିନ୍ଦ ଭୋଗ ଚାଉଳରେ ହେବ ମହାପ୍ରଭୁଙ୍କ କୋଠଭୋଗ

**ପୁରୀ, ୦୨/୮**

ଭୋଜନ ରସିକ କାଳିଆ ସାଆନ୍ତ । ବଡ଼ ଦେଉଳର ମଉଡମଣି ମହାପ୍ରଭୁଙ୍କ ନିକଟରେ ପ୍ରତିଦିନ ଲାଗି ହୁଏ ଷାଠିଏ ପଉଟି ଭୋଗ । ଶ୍ରୀଜୀଉଙ୍କ ଠାରେ ଲାଗି ହେଉଥିବା ପ୍ରତ୍ୟେକ ଭୋଗର ରହିଛି ସ୍ୱତନ୍ତ୍ରତା । ଗତବର୍ଷ ଜୈବିକ ଉପାୟରେ ପ୍ରସ୍ତୁତ ଚାଉଳର ଭୋଗ ଲଗାଇବାକୁ ନିଷ୍ପତ୍ତି ନେଇଥିଲା ଶ୍ରୀମନ୍ଦିର ପ୍ରଶାସନ । ନିଷ୍ପତ୍ତି ଅନୁସାରେ ଗୋବିନ୍ଦ ଭୋଗ ଚାଉଳରେ ପ୍ରସ୍ତୁତ ହେବ ମହାପ୍ରଭୁଙ୍କ କୋଠ ଭୋଗ । ଶ୍ରୀଜଗନ୍ନାଥଙ୍କ କୋଠ ଭୋଗରେ ଲାଗି ହେବାକୁ ଥିବା 'ଗୋବିନ୍ଦ ଭୋଗ ଚାଉଳ' କଟକ ଜିଲ୍ଲାର ନିଆଳି ଓ ଖୋର୍ଦ୍ଧା ବାଲିପାଟଣାରୁ ଯିବ । ଏଥିପାଇଁ ଆରମ୍ଭ ହୋଇଛି ଜୈବିକ ପଦ୍ଧତିରେ ଧାନ ଚାଷ। କଟକ ଜିଲ୍ଲା ନିଆଳି ଓ ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ବ୍ଲକ ଅଞ୍ଚଳରେ ଜୈବିକ ପଦ୍ଧତିରେ ଦେଶୀ ଧାନ ଗୋବିନ୍ଦ ଭୋଗ ଧାନ ଚାଷ ଆରମ୍ଭ ହୋଇଛି । ଉଭୟ ବ୍ଲକର ୧୬୦ରୁ ଊର୍ଦ୍ଧ୍ୱ ଚାଷୀ ୨୦୦ ଏକର ଧାନ ଜମିରେ ଗୋବିନ୍ଦ ଭୋଗ ଦେଶୀ ଧାନ ଚାଷ ଆରମ୍ଭ କରିଛନ୍ତି । ଏନେଇ ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢୀ ଓ ଅନ୍ୟ ଅଧିକାରୀ ଏବଂ ସେବାୟତମାନେ ନିଆଳି ଓ ନରିଶୋ ସ୍ଥିତ ଲୋକ ସମବାୟ ପ୍ରତିଷ୍ଠାନ ଏବଂ ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ର ପରିଦର୍ଶନ ସହିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କ୍ଷେତକୁ ଯାଇ ଧାନ ରୁଆ ବେଉଷଣ ହେଲା କି ନାହିଁ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଲୋକ ସମବାୟ ପ୍ରତିଷ୍ଠାନ ତଥା ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ରର ଅଧକ୍ଷ ନଟବର ଷଡଙ୍ଗୀ କହିଛନ୍ତି, 'ଜଗନ୍ନାଥ ମନ୍ଦିରରେ ନିଷ୍ପତ୍ତି ହେଲା ରାସାୟନିକ ମୁକ୍ତ ଚାଉଳ ବ୍ୟବହାର ହେବ ଏବଂ ବିଷମୁକ୍ତ ଚାଉଳରେ ଭୋଗ ହେବ। ୨୦୨୪ ମସିହାରେ ଏଥିପାଇଁ ରାଜ୍ୟରେ ଦେଶୀ ଧାନ ଚାଷ କରୁଥିବା ସଂସ୍ଥାକୁ ମନ୍ଦିର ପ୍ରଶାସନ ଭୁବନେଶ୍ୱର ଡାକିଥିଲେ ଓ ଆଲୋଚନା ହେବା ପରେ ଏଥିରେ ଆମ ସଂସ୍ଥା ଲୋକ ସମବାୟ ପ୍ରତିଷ୍ଠାନକୁ ମନୋନୀତ କରାଯାଇଥିଲା । ଗୋବିନ୍ଦ ଭୋଗ, କଳା ଜିରା, ଝିଲି ଦେଶୀ ଧାନ ସମ୍ପର୍କରେ ସୂଚନା ଦେଇଥିଲେ। ଗୋବିନ୍ଦ ଭୋଗ ଧାନ ଚାଷ ପାଇଁ ଏବେ ଆମକୁ ଅନୁମତି ମିଳିଛି ବୋଲି ସେ କହିଥିଲେ।' ନିଆଳି ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନନ୍ଦଙ୍କ କହିବା କଥା, 'ଶ୍ରୀମନ୍ଦିରରେ ଜୈବିକ ପଦ୍ଧତିରେ ଦେଶୀ ଧାନ ଚାଷ କରାଯାଇ କୋଠ ଭୋଗ ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି । ନିଆଳି ବ୍ଲକ ଅଞ୍ଚଳରେ ୫୨ ହେକ୍ଟର ତଥା ୧୩୦ ଏକର ଜମିରେ ଜୈବିକ ପଦ୍ଧତିରେ ଗୋବିନ୍ଦ ଭୋଗ ଦେଶୀ ଧାନ ଚାଷ କରାଯିବ। ଗୋବିନ୍ଦ ଭୋଗ ଧାନ ଚାଷରେ ନିଆଳି ବ୍ଲକ୍ ସମେତ ବାଲିପାଟଣା ବ୍ଲକ, ବରଗଡ ଓ କୋରାପୁଟ ଜିଲ୍ଲାକୁ ସାମିଲ କରାଯାଇଛି ।' ନିଆଳି ଓ ବାଲିପାଟଣା ବ୍ଲକ ଅଞ୍ଚଳରେ ଚାଷୀମାନଙ୍କ ମୁହଁରେ ଫୁଟିଛି ହସ। ଜଗନ୍ନାଥଙ୍କ କୋଠ ଭୋଗ ପାଇଁ ଜୈବିକ ପଦ୍ଧତିରେ ଦେଶୀ ଧାନ ଚାଷ କରି ନିଜେ ଲାଭବାନ ହେବା ସହିତ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ନିଜ ପରିଶ୍ରମର ଦେଶୀ ଚାଉଳ ଭୋଗ ହେବ ଏଥିପାଇଁ ଆନନ୍ଦରେ ଚାଷୀକୂଳ । କୋଠ ଭୋଗକୁ ରାଜଭୋଗ ବା ଖଞ୍ଜା ଭୋଗ କୁହାଯାଏ। ଅର୍ଥାତ୍ ପୂର୍ବକାଳରୁ ବର୍ତ୍ତମାନ ସୁଦ୍ଧା ଯେଉଁ ଭୋଗ ମହାପ୍ରଭୁଙ୍କ ଖଞ୍ଜା ଯାଇଛି, ପ୍ରତ୍ୟେହ ସେହି ଭୋଗ ଲାଗି ହୋଇଥାଏ ଏବଂ ଯାହାବି ହୋଇଯାଉ ପ୍ରତ୍ୟେକ ଦିନ ଏହି ଭୋଗ ଲାଗି ହେବ । ଏହି ଭୋଗର ଯାହା ନିୟମ ରହିଥାଏ ଯେତିକି ପରିମାଣ ଲାଗି ହେବା ପାଇଁ ନିୟମ ରହିଥାଏ ସେତିକି ପରିମାଣରେ ଭୋଗ ଲାଗି ହୋଇଥାଏ । ଏହି ଭୋଗ କଦାପି ବନ୍ଦ ହୁଏ ନାହିଁ। ମନ୍ଦିର ପ୍ରଶାସନ ଖର୍ଚ୍ଚରେ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ନିକଟରେ ଲାଗି ହୋଇଥାଏ। ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଏହି ଭୋଗ ଲାଗିହୋଇଥାଏ, ତେଣୁ ଏହାକୁ କୋଠ ଭୋଗ କୁହାଯାଏ ।

## ଜୁଲାଇରେ ଓଡ଼ିଶାରୁ ୪୯୯୧ କୋଟି ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୦୨/୦୮**

ଚଳିତ ବର୍ଷ ଜୁଲାଇରେ କେନ୍ଦ୍ର ସରକାର ୧.୯୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ କରିଛନ୍ତି । ବାର୍ଷିକ ଭିତ୍ତିରେ ପରୋକ୍ଷ ଟିକସ ଆଦାୟ ୭.୫% ବଢ଼ିଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ୨୦୨୪ ଜୁଲାଇରେ ୧.୮୨ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା । ଓଡ଼ିଶାରେ ଜିଏସ୍‌ଟି ଆଦାୟ ୧% ବୃଦ୍ଧି ହୋଇ ୪୯୯୧ କୋଟି ରହିଛି । ଜୁନ୍‌ରେ ଏହା ୪୯୨୫ କୋଟି ଥିଲା । ଚଳିତ ବର୍ଷ ଜୁନ୍ ତୁଳନାରେ ଜୁଲାଇରେ ସାରା ଦେଶରେ ଅଧିକ ୧୧ ହଜାର କୋଟି ଜିଏସ୍‌ଟି ଆଦାୟ ହୋଇଛି । ଜୁନ୍‌ରେ ଆଦାୟ ୧.୮୫ ଲକ୍ଷ କୋଟି ଟଙ୍କା ଥିଲା । ଏହା ପୂର୍ବରୁ ଏପ୍ରିଲ ୨୦୨୫ରେ ରେକର୍ଡ ୨.୩୭ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ ହୋଇଥିଲା । ମେ' ମାସରେ ୨.୦୧ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ ହୋଇଥିଲା । ଜୁଲାଇର ମୋଟ ପରୋକ୍ଷ ଟିକସ ମଧ୍ୟରୁ ୯୯,୨୫୦ କୋଟିର ସମନ୍ୱିତ ଜିଏସ୍‌ଟି, ୩୩,୪୫୦ କୋଟିର କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ୪୧,୬୦୦ କୋଟିର ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ଏବଂ ୨୧,୭୦୦ କୋଟି ଟଙ୍କାର ସେସ୍ ରହିଛି । ଆମଦାନିରୁ ସମନ୍ୱିତ ଜିଏସ୍‌ଟି ଆଦାୟ ୧୦.୩% ବଢ଼ିଛି । ରିଫଣ୍ଡ ୬୮.୮% ବୃଦ୍ଧି ହୋଇ ୨୭,୧୪୭ କୋଟି ରହିଛି ବୋଲି ସୂଚନା ମିଳିଛି।

## ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗ : ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୦୨/୮**
**ନ୍ୟୁଜ ବ୍ୟୁରୋ**

ଦିଗପହଣ୍ଡି ବିଧାୟକ ତଥା ଓଲିଉଡ୍ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗ ଘଟିଛି। ଏହି ଖବର ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଦ୍ଧାନ୍ତଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃବିୟୋଗ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶ୍ରୀ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କଲି ଓ ଶୋକାକୁଳ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଲି। ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ।

## ରେଜିଷ୍ଟ୍ରି ଓ ତହସିଲରେ ପର୍ଯ୍ୟାପ୍ତ ସୁବିଧା ଓ ଦଲାଲ ମୁକ୍ତ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ବରଗଡ, ୦୨/୮ ନ୍ୟୁଜ ବ୍ୟୁରୋ**

ଶନିବାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଦିନିକିଆ ବରଗଡ଼ ଗସ୍ତ କରି ସ୍ଥାନୀୟ ଆମ୍ରପାଲି ସର୍କିଟ ହାଉସ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟକି ଉକ୍ତ ଶିବିରରେ ଭୂମିହୀନଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ, ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୧୪୬ ଗୋଟି ଅଭିଯୋଗ ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶିବିରରେ ମନ୍ତ୍ରୀ ଶ୍ରୀ ପୂଜାରୀ ୪ ଜଣ ରୋଗୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଲେଖାଏଁ ସହାୟତା ରାଶି ଚେକ୍ ପ୍ରଦାନ କରିବା ସହ ବରଗଡ଼ ତହସିଲର ୭ ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା, ୪ ଜଣ ବିକଳାଙ୍ଗ ଲୋକଙ୍କୁ ହ୍ୟୁଇଲ ଚେୟାର ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ ନିଜ ବିଭାଗର ବିଭିନ୍ନ ଯୋଜନା ତଥା ସରକାରୀ ସୁବିଧାର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବାକୁ ଯାଇ ଜିଲ୍ଲାରେ ବସୁନ୍ଧରା ସର୍ଭେ, ପଟ୍ଟା ବଣ୍ଟନ ଓ ଜମି ହସ୍ତାନ୍ତର ସ୍ଥିତି, ବରଗଡ଼-ନୂଆପଡା ରେଳ ଲାଇନ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାର ପ୍ରଗତି, ଜାତୀୟ ରାଜପଥ ନିର୍ମାଣ ତଥା ଆଧାରିତ ସମସ୍ୟା ଗୁଡ଼ିକର ସମାଧାନ, ପ୍ରାଥମିକ ବିଦ୍ୟାଳୟର ଜମି ପଟ୍ଟା ପ୍ରଦାନ, ଜମି ପଟ୍ଟା କଲମ-୨ କରେକ୍ସନ, ବସ୍ତି ଜମି ପଟ୍ଟା ପ୍ରଦାନ, ଠିକ୍ ସମୟରେ ଯୋଗ୍ୟ ଲୋକଙ୍କୁ ଜାତିଗତ ବାସିନ୍ଦା ଓ ଆୟ ପ୍ରମାଣ ପତ୍ର ପ୍ରଦାନ, ରେଜିଷ୍ଟ୍ରି ଓ ତହସିଲ କାର୍ଯ୍ୟାଳୟରେ ଦଲାଲ ମୁକ୍ତ କରିବା ସହ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିଲେ।



ଜିଲ୍ଲା ପ୍ରଶାସନ ତଥା ସମସ୍ତ ତହସିଲଦାର ଅଗ୍ରାଧିକାର ଭିତ୍ତିରେ ରାଜସ୍ୱ ଜମିରୁ ଜବର ଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା, ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ମହେନ୍ଦ୍ର ମହାପାତ୍ର, ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କମିସନରେଟ ପୁଲିସରେ ଅଦଳବଦଳ

### ଦୟାନିଧି ନାୟକଙ୍କୁ ନନ୍ଦନକାନନ ଥାନା ଆଇଆଇସି ଭାବେ ବଦଳି

**ଭୁବନେଶ୍ୱର,୦୨/୦୮ ନ୍ୟୁଜ ବ୍ୟୁରୋ**

କମିସନରେଟ ପୁଲିସର ଏସିପି ଓ ଇନ୍‌ସପେକ୍ଟର ସ୍ତରରେ ଛୋଟିଆ ଅଦଳବଦଳ ହୋଇଛି । ଚନ୍ଦକା ଥାନା ଅଧିକାରୀ ତଥା ଏସିପି (ଇନଚାର୍ଜ) ଭାବେ କାର୍ଯ୍ୟରତ ବିଶ୍ୱଜିତ୍ ମନବୋଧଙ୍କୁ ଡିସିପି ଅଫିସକୁ ବଦଳି ହୋଇଛି । ନନ୍ଦନକାନନ ଥାନା ଅଧିକାରୀ ସମିତା ମିଶ୍ରଙ୍କୁ ଚନ୍ଦକା ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି କ୍ୟାପିଟାଲ ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ନନ୍ଦନକାନନ ଥାନାକୁ ବଦଳି ହୋଇଛି । ଡିସିପି ଅଫିସରେ କାର୍ଯ୍ୟରତ ତଥା ବର୍ତ୍ତମାନ କ୍ୟାପିଟାଲ ଥାନାର ଇନଚାର୍ଜ ରାଧାକାନ୍ତ ସାହୁଙ୍କୁ କ୍ୟାପିଟାଲ ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ପ୍ରକାଶ ଥାଉକି, କିଛିଦିନ ତଳେ ବଡ଼ଗଡ଼ଠାରେ ଘଟିଥିବା ଏକ ଦୁର୍ଘଟଣାରେ ଦୟାନିଧି ଗୁରୁତର ହୋଇଥିଲେ। ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଏହାରି ମଧ୍ୟରେ ତାଙ୍କୁ ନନ୍ଦନକାନନ ବଦଳି କରାଯାଇଛି।



## ରୋଡମ୍ୟାପ୍ ପାଇଁ ଉଚ୍ଚସ୍ତରୀୟ ବୈଠକ

### ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ଗବେଷଣା କେନ୍ଦ୍ର ଡିପିଆର ଖୁବ୍‌ଶୀଘ୍ର

**ଭୁବନେଶ୍ୱର,୦୨/୦୮**
**ନ୍ୟୁଜ ବ୍ୟୁରୋ**

ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଖୁବ୍‌ଶୀଘ୍ର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ହେବ । ପୁରୀର ପବିତ୍ରତାକୁ ସମ୍ମାନ ଦେଇ ଏହାର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହିତ କରିବେ ସରକାର । ଖାରବେଳ ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହାର ରୋଡମ୍ୟାପ୍‌କୁ ନେଇ ଆଲୋଚନା ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସହରାଞ୍ଚଳ ଭିତ୍ତିଭୂମି ବୃଦ୍ଧି ସହ



ପୁରୀର ଆଧାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବାକୁ ଶ୍ରୀମତୀ ପାଢ଼ୀ ଗୁରୁତ୍ୱ ଦେଇଥିଲେ । ସାଂସ୍କୃତିକ ଗୌରବ, ଐତିହ୍ୟ ସଂରକ୍ଷଣ ଓ ସହରାଞ୍ଚଳ ରୂପାନ୍ତରଣ ପାଇଁ ସରକାର ବହୁ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ । ଏହି ବୈଠକରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂହ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଶ୍ରୀମନ୍ଦିର ପ୍ରଶାସନ (ଉନ୍ନୟନ) ଦେବବ୍ରତ ସାହୁ ଏବଂ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ହେବ : ମନ୍ତ୍ରୀ

**ବୌଦ୍ଧ,୨/୮ ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ସମସ୍ତ ବିଭାଗର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ, ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗର ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାଛଡ଼ା ବୌଦ୍ଧ ଜିଲ୍ଲାରେ ଆଦିବାସୀ ଉନ୍ନୟନ କାର୍ଯ୍ୟ ତଥା ସାମାଜିକ ସୁରକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନର ବିଭିନ୍ନ କାର୍ଯ୍ୟର ମନ୍ତ୍ରୀ ଶ୍ରୀ ଗଣ୍ଡ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ପ୍ରକାଶ ଅପେକ୍ଷାରେ...

'କଥାକଳିକା'ର ଅଗଷ୍ଟ-୨୦୨୫ ସଂଖ୍ୟା
(ଦେଶ ପ୍ରେମ ସ୍ୱତନ୍ତ୍ର)




ଏଥର ଚର୍ଚ୍ଚିତ ସଂଖ୍ୟାରେ ଆମର ପ୍ରିୟ କଥାକାର ଗଣ...

ଗାଳ୍ପିକ ରବିପଣ୍ଡା- ପରିଚୟ, ରମେଶ ପଟ୍ଟନାୟକ-ପହେଲିଗାମ୍, ସଂଜୁକ୍ତା ଦାଶ- ଉପତ୍ୟକାରେ ଆତଙ୍କ, ସୋମାଚ୍ଛନ୍ଦ-ମାଟି, ମା/ମା-ମାଟି, ରେବା ପଟ୍ଟନାୟକ-ସେ' କାହାର ହେବ, ସୁଷମା ପରିଜା-ଫେରିଆ ଧନ ମୋର, ପ୍ରଫୁଲ୍ଲ ବାରିକ-ରୂପସୀରୁ ରକ୍ତ ତୀର୍ଥ, ବିଦ୍ୟାଧରଗୁରୁ-ସ୍ୱପ୍ନଭଙ୍ଗ, ଚନ୍ଦ୍ରକଳାନାୟକ-ପାରୁଲର ଦେଶପ୍ରେମ, ସ୍ନିଗ୍ଧା ନାୟକ-ପହେଲିଗାମ୍‌ର ପ୍ରଥମ ତୁଷାର ପାତ, ମଧୁସ୍ମିତା ମିଶ୍ର- ନିର୍ମୋହୀ, ସନ୍ତୋଷୀ ସ୍ୱାଇଁ-ବୀର ଶହୀଦର ସିନ୍ଦୁର, ନମିତା ଦାଶ-କେମିତି ଫେରିବି, ପ୍ରଭାତୀ ଜେନା-ପିହୁ, ବିନୋଦିନୀ ଗନ୍ତାୟତ-ପ୍ରତିଛବି, ସୁଷମାଲେଙ୍କା- ଶହୀଦ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

## ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ଦୁଃଖ ପ୍ରକାଶ କଲେ ଦୁଇ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨/୦୮**
**ନ୍ୟୁଜ ବ୍ୟୁରୋ**

ବଳଙ୍ଗା ଘଟଣାରେ ପୀଡ଼ିତା ଝିଅର ମୃତ୍ୟୁରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦୁଃଖ ପ୍ରକାଶ କରିଛନ୍ତି। ଏକ୍ସରେ ଶ୍ରୀ ସିଂହଦେଓ ଲେଖିଛନ୍ତି ଶନିବାର ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଏବଂ ମର୍ମାହତ। ଆମର ସମସ୍ତ ପ୍ରୟାସ ଏବଂ ଏମ୍ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦିନରାତି କଠିନ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ଅମର ଆତ୍ମାର ସଦଗତି କାମନା କରିବା ସହ ଏ ଦୁଃଖଦ ପରିସ୍ଥିତିରେ ତାଙ୍କ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି । ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୁଃଖ ପ୍ରକାଶ କରିଛନ୍ତି। ସେ ତାଙ୍କ ଏକ୍ସରେ ଲେଖିଛନ୍ତି ଏକ ଅଭାବନୀୟ ତଥା ଦୁର୍ଭାଗ୍ୟଜନକ ଅଘଟଣ ପରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡ଼ିତାଙ୍କର ପରଲୋକ ଘଟିଛି। ଅମର ଆତ୍ମାର ସଦଗତି କାମନା କରିବା ସହ ଏ ଦୁଃଖଦ ପରିସ୍ଥିତିରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଡାକ୍ତରୀ ଦଳ ଏବଂ ସରକାରଙ୍କ ସମସ୍ତ ପ୍ରକାର ଚେଷ୍ଟା ସତ୍ତ୍ୱେ ବଞ୍ଚାଇ ପାରିନଥିବାରୁ ଆମେ ଅତ୍ୟନ୍ତ ଦୁଃଖିତ।

## ବ୍ରହ୍ମପୁରରେ ଆରମ୍ଭ ହେଲା ଅପରାଧୀ ସଫେଇ ଅଭିଯାନ

# ପୋଲିସ ଗୁଳିରେ ଅପରାଧୀ ସୁନୀଲ ଆହତ

**ବ୍ରହ୍ମପୁର, ୨/୮ ନ୍ୟୁଜ ବ୍ୟୁରୋ**

ଦୀର୍ଘ ଦିନର ବ୍ୟବଧାନ ପରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ପୁଣି ଆରମ୍ଭ ହୋଇଛି ଅପରାଧୀ ସଫେଇ ଅଭିଯାନ । ବ୍ରହ୍ମପୁର ଜିଲ୍ଲା ପୁଲିସକୁ ମିଳିଛି ବଡ ସଫଳତା । ଗୋଳନ୍ଥରା ଥାନା ପକ୍ଷରୁ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକକୁ ଏନକାଉଣ୍ଟର କରାଯାଇଛି । ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗୋଳନ୍ଥରା ଥାନା ଅଧିକାରୀ ବିବେକନନ୍ଦ ସ୍ୱାଇଁ ଓ ତାଙ୍କ ଟିମ୍ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକ ଓରଫ ମଲ୍ଲୁକୁ ଏନକାଉଣ୍ଟର କରିଥିବା ଜଣାପଡ଼ିଛି। ଦିର୍ଘ ଦିନ ଧରି ଗଞ୍ଜାମରେ ଅପରାଧୀକ ମାମଲା ବଢୁଥିବାରୁ ସାଧାରଣ ଜନତା ଭୟଭୀତ ଅବସ୍ଥାରେ ରହୁଥିଲେ । ଏବେ ପୁଲିସକୁ ଏନକାଉଣ୍ଟର ପାଇଁ ଅନୁମତି ମିଳିଯାଇଥିବା ଅନୁମାନ କରାଯାଉଛି। ତେଣୁ ଅପରାଧୀମାନେ ଯଦି ସାବଡ଼ ନ ହେବେ ତେବେ ସେମାନଙ୍କୁ ମଧ ପୁଲିସ ଏନକାଉଣ୍ଟର କରିବ ଏହା ସ୍ପଷ୍ଟ ହୋଇଯାଇଛି। ବର୍ତ୍ତମାନ ପୁଲିସ ଏକ ତାଲିକା କରିଥିବା ମଧ ବିଶେଷ ସୂତ୍ରରୁ ଜଣାପଡିଛି। ସୁନିଲ ନିମଖଣ୍ଡି ଥାନା ଚେନ୍ ଲୁଟ୍ ଘଟଣା ସମେତ ଅନ୍ୟାନ୍ୟ ମାମଲାରେ ସମ୍ପୃକ୍ତ ରହି ଫେରାର ରହିଥିଲା । ଏପରିକି ଲୁଟର ଶିକାର ହୋଇଥିବା ମହିଳା ଉପରେ ଗୁଳି ଚଳାଇ ଥିବା ବେଳେ ମହିଳା ଜଣକ ଏଥିରୁ ବର୍ତ୍ତିଯାଇଥିଲେ । ଗୋଳନ୍ଥରା ଥାନା ପୁଲିସ ଓ ସ୍ୱତନ୍ତ୍ର ଟିମ୍ ଚଢ଼ଉ ବେଳେ ଦୁର୍ଦ୍ଦାନ୍ତ ଅପରାଧୀ ସୁନିଲ ନାହାକ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା । ଏଥିରେ କେହି ଆହତ ହୋଇନଥିବା ବେଳେ ଗୁଳି ପୁଲିସ ଗାଡ଼ି ଉପରକୁ ବାଜିଥିଲା । ଅନ୍ୟପକ୍ଷରେ ପୁଲିସ ଏନକାଉଣ୍ଟରରେ ସୁନୀଲ ଆହତ ହୋଇ ଏମ.କେ.ସିଜି ମେଡିକାଲରେ ଭର୍ତ୍ତି ହୋଇଛି । ସୁନୀଲର ବାମ ଗୋଡ଼କୁ ଗୁଳି ବାଜିଥିବା ସୂଚନା ରହିଛି । ଆହତ ସୁନୀଲ ନା'ରେ ୨୦ରୁ ଉର୍ଦ୍ଧ୍ୱ ସଂଗୀନ ମାମଲା ରହିଥିବା ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍ କହିଛନ୍ତି ।



# ଜୁଲାଇରେ ରେକର୍ଡ କଲା ଡେଙ୍ଗୁ :ରାଜଧାନୀରେ ୨ ଶହ ମୁହାଁ ରୋଗୀ ସଂଖ୍ୟା

**ଭୁବନେଶ୍ୱର,୦୨/୦୮**
**ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱର ଏବେ ଡେଙ୍ଗୁର ହଟ୍‌ସ୍ପଟ୍ ପାଲଟିଛି । ଜୁଲାଇରେ ଭୁବନେଶ୍ୱର ରେକର୍ଡ ସଂଖ୍ୟକ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ମାସରେ କେବଳ ଶହେରୁ ଅଧିକ ରୋଗୀ ଚିହ୍ନଟ ହୋଇଥିବା ବେଳେ ଶନିବାର ପର୍ଯ୍ୟନ୍ତ ମୋଟ ୧୯୮ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଠାବ କରିସାରିଲାଣି । ତେଣୁ ମଶା ବଂଶ ନିପାତ କରିବାକୁ ସ୍ୱାସ୍ଥ୍ୟ ବିଭାଗ ସାଙ୍ଗରେ କାନ୍ଧ ମିଳାଇ ଭୁବନେଶ୍ୱର ମହାନଗର ନିଗମ ଲାଗିପଡ଼ିଛି । ଏ ତ' ଗଲା ଭୁବନେଶ୍ୱର ସହରାଞ୍ଚଳ ସ୍ଥିତି । ଯଦି ଖୋର୍ଦ୍ଧା ଜିଲ୍ଲା ଉପରେ ନଜର ଦେବା ତେବେ ସେଠାରେ ମଧ ସ୍ଥିତି ସଙ୍ଗୀନ । ଜିଲ୍ଲାର ୧୦ଟି ବ୍ଲକରେ ଏଯାବତ୍ ୬୬ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ଭୁବନେଶ୍ୱର ଓ ଖୋର୍ଦ୍ଧାକୁ ମିଶାଇ ମୋଟ ୨୬୪ ରୋଗୀ ଠାବ ହୋଇସାରିଛନ୍ତି । ପ୍ରତିଦିନ ପାଖାପାଖି ୧୦ ରୋଗୀ ବାହାରୁଛନ୍ତି । ତେଣୁ ସତର୍କତା ଜରୁରି ହୋଇପଡ଼ିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ମୋଟ ୨୨,୮୫୨ଟି ମଶାବଂଶ (ହଟ୍‌ସ୍ପଟ୍) ମିଳିଛି । ସେଥିମଧ୍ୟରୁ ୨୨,୮୨୨ ସ୍ଥାନକୁ ନଷ୍ଟ କରାଯାଇଛି । ସେହିପରି ୨ ଲକ୍ଷ ୪୯ହଜାର ୪୬୨ଟି ଜଳାଶୟ, କେନାଲ ଆଦିରେ ଆଣ୍ଟିଲାର୍ଭିସିଡ୍ ସିଞ୍ଚନ ହୋଇଛି । ଯେପରିକି ସେଠାରେ ମଶାବଂଶ ବୃଦ୍ଧି ନହେବ। ୧୧୩ଟି ସ୍କୁଲ ପରିସରରେ ମଧ ବିଶୋଧନ କରାଯାଇଥିବା ସୂଚନା ମିଳିଛି । ଅପରପକ୍ଷେ, ସ୍ୱଚ୍ଛ ଭାରତ ମିଶନ-ଅର୍ବାନ ୨.୦ ଅନ୍ତର୍ଗତ କାର୍ଯ୍ୟକ୍ରମ 'ସଫାଇ ଅପ୍‌ନାଓ, ବିମାରୀ ଭଗାଓ' ଭୁବନେଶ୍ୱରରେ ଜୋରସୋରରେ ଚାଲିଛି । ଏହି କାର୍ଯ୍ୟକ୍ରମରେ ଡେଙ୍ଗୁ ନ ବ୍ୟାପିବା ଲାଗି ସହରରେ ସଫେଇ ତ୍ୱରାନ୍ୱିତ ହୋଇଛି । ସ୍ୱଚ୍ଛ କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ଡେଙ୍ଗୁ ବିଷୟରେ ସଚେତନ କରୁଛନ୍ତି । ସେହିପରି ବିଭିନ୍ନ ଘର, ରାସ୍ତା, ମନ୍ଦିର ପାଖରେ ଥିବା ଫୁଲ କୁଣ୍ଡରୁ ଆବର୍ଜନା ପାଣି ନିଷ୍କାସନ କରାଯାଉଛି । ଏତେସବୁ ପରେ ବି ଡେଙ୍ଗୁ ବ୍ୟାପିବା ଚିନ୍ତାର କାରଣ ପାଲଟିଛି ।

ଉଲ୍ଲେଖଯୋଗ୍ୟ ଯେ ଡେଙ୍ଗୁ ରୋକିବାକୁ ସକ୍ରିୟ ଭାବେ କାମ କରୁଛି ସ୍ୱାସ୍ଥ୍ୟ ବିଭାଗ । ଏଥରକ ଭୁବନେଶ୍ୱରରେ ଥିବା ୪ଟି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନମୁନା ସଂଗ୍ରହ କରାଯାଉଛି । ସେହିପରି କ୍ୟାପିଟାଲ ହସ୍ପିଟାଲ୍, ଆରଏମ୍‌ଆରସି, ପଟିଆ ଓ ଆଇଆରସି ଭିଲେଜ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ନମୁନା ସଂଗ୍ରହ ହେଉଛି । ସବୁଠି ଏଲିସା କିଟ୍‌ରେ ଡେଙ୍ଗୁ ପରୀକ୍ଷଣ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

